ନବ୍ୟ ଶିଶୁଗଣିତ

ଦ୍ୱିତୀୟ ଭାଗ

—— o ——

BEING A TRANSLATION INTO ORIYA OF THE BENGALI VERSION WHICH HAS BEEN APPROVED AS A TEXT-BOOK BY THE GOVERNMENT OF BENGAL

ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ର ଛାତ୍ରମାନଙ୍କର ଉପଯୋଗୀ

(ହୁଗ୍‌ଲି କଲେଜର ଅଫିସିଏଟିଙ୍ଗ ପ୍ରିନ୍‌ସିପାଲ)

ଶ୍ରୀ ସାରଦାପ୍ରସନ୍ନ ଦାସ ଏମ୍. ଏ. ପ୍ରଣୀତ

(TRANSLATED INTO ORIYA BY A DISTINGUISHED EXPERT OF ORISSA)

CUTTACK

PRINTED AND PUBLISHED AT THE ORISSA MISSION PRESS

1918

Price 3 Annas 6 Pies ମୂଲ୍ୟ ୦ ।୵୶ ୬ ପାଇ ମାତ୍ର ।

ନବ୍ୟ ଶିଶୁଗଣିତ

ଦ୍ୱିତୀୟ ଭାଗ

(APPROVED BY THE TEXT BOOK COMMITTEE)

BEING A TRANSLATION INTO ORIYA OF THE BENGALI VERSION WHICH HAS BEEN APPROVED AS A TEXT-BOOK BY THE GOVERNMENT OF BENGAL.

ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ର ଛାତ୍ରମାନଙ୍କର ଉପଯୋଗୀ

(ହୁଗୁଲି କଲେଜର ଅଫିସିଏଟିଙ୍ଗ୍ ପ୍ରିନ୍ସିପାଲ୍)

ଶ୍ରୀ ସାରଦାପ୍ରସନ୍ନ ଦାସ ଏମ୍. ଏ. ପ୍ରଣୀତ

(TRANSLATED INTO ORIYA BY A DISTINGUISHED EXPERT OF ORISSA.)

Third Edition

CUTTACK:

PRINTED AND PUBLISHED BY REV. R. J. GRUNDY,

AT THE ORISSA MISSION PRESS.

1918.

Price 3 *Annas* 6 *Pies.* ମୂଲ୍ୟ ଃ • ৶/୬ ପାଇ ମାତ୍ର ।

ଭୂମିକା ।

ଗତ ୧୯୦୭ ସାଲର ଜୁନ ମାସରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ନିମ୍ନପ୍ରାଥମିକ ଶିକ୍ଷାର ନୂତନ ପ୍ରଣାଳୀ ଅବଧାରିତ କରିଅଛନ୍ତି ଏବଂ ତତ୍ପରେ ଗୋଟିଏ "ଆଦର୍ଶ" ନିମ୍ନପ୍ରାଥମିକ ପାଟୀଗଣିତ ମଧ୍ୟ ପ୍ରସ୍ତୁତ କରାଇଅଛନ୍ତି । କିନ୍ତୁ ଶିଶୁଗଣିତ ସଙ୍କେତୋଦ୍ଧାରରେ ଉକ୍ତ "ଆଦର୍ଶ" ପାଟୀଗଣିତର ଅନୁଯାୟୀ ନୁହେଁ, କିନ୍ତୁ ପୁସ୍ତକଖଣ୍ଡି ଯେପରି ଗବର୍ଣ୍ଣମେଣ୍ଟ-ନିର୍ଦ୍ଧାରିତ ପାଠ୍ୟାଂଶ-ନିର୍ଦ୍ଦେଶପତ୍ରର ସମ୍ୟକ୍ ଅନୁଯାୟୀ ହୁଏ, ତତ୍ପ୍ରତି ସବିଶେଷ ଦୃଷ୍ଟି ରଖାଯାଇଅଛି । ସୁକୁମାରମତି ଶିଶୁମାନଙ୍କର ଚିନ୍ତାଶକ୍ତିର ଉନ୍ମେଷ ଏହି ପୁସ୍ତକର ଉଦ୍ଦେଶ୍ୟ, ସୁତରାଂ ବସ୍ତୁ ସାହାଯ୍ୟରେ ପ୍ରଶ୍ନସମାଧାନ, ମାନସିକ ପ୍ରଶ୍ନସମାଧାନ ପ୍ରଭୃତିର ଆଧୁନିକ ପ୍ରଣାଳୀ ଯଥାଯଥରୂପେ ବିବୃତ ହେଲା । ବାଳକମାନଙ୍କ ପ୍ରୀତିସମ୍ପାଦନ ନିମିତ୍ତ, ପକ୍ଷାନ୍ତରେ ଗଣିତର ପ୍ରକ୍ରିୟାଗୁଡ଼ିକ ବୁଝାଇବାର ସୁବିଧା ନିମନ୍ତେ ବହୁସଂଖ୍ୟକ ଚିତ୍ର ସଂଯୋଜିତ ହେଲା ।

ଏହି ପୁସ୍ତକରେ ଅନେକଗୁଡ଼ିଏ ଅଙ୍କ କଷିଦିଆଗଲା । ଏଥିର ଗୋଟିଏ ଉଦ୍ଦେଶ୍ୟ ଏହି ଯେ, କେଉଁ ଉଦାହରଣମାଳାର ଅଙ୍କ କେଉଁ ପ୍ରଣାଳୀରେ କଷିବା ଗ୍ରନ୍ଥକାରଙ୍କର ଅଭିପ୍ରାୟ, ତାହା ବୁଝାଯାଇ ପାରିବ । ଏତଦ୍ଭିନ୍ନ ଶିକ୍ଷାଦାନ କାର୍ଯ୍ୟର ମଧ୍ୟ ସାହାଯ୍ୟ ହେବ ଏବଂ ବୁଦ୍ଧିମାନ୍ ଛାତ୍ରମାନଙ୍କର ଉପକାର ହେବ । ଏହି ସମସ୍ତ ଅଙ୍କ ସନ୍ନିବିଷ୍ଟ ହେବାରୁ ପୁସ୍ତକର କଳେବର ବର୍ଦ୍ଧିତ ହେଲେ ହେଁ ମୂଲ୍ୟ ବୃଦ୍ଧି କରାଯାଇ ନାହିଁ ।

ଗବର୍ଣ୍ଣମେଣ୍ଟ-ନିର୍ଦ୍ଧାରିତ ପାଠ୍ୟାଂଶ-ନିର୍ଦ୍ଦେଶପତ୍ରର ଅଭିପ୍ରାୟାନୁସାରେ, ସଉଆ, ଦେଢ଼ିଆ, ଓ ଅଢ଼େଇଆ, ମୁଦ୍ରା ଓ ଓଜନ ପ୍ରଭୃତି ସଂକ୍ରାନ୍ତ ଏକକାବଳୀର ସମ୍ବନ୍ଧ ପ୍ରଭୃତି ସନ୍ନିବେଶ ହେଲା ।

ଉତ୍କଳୀୟ ଛାତ୍ରମାନଙ୍କ ସୁବିଧା ନିମନ୍ତେ ଏହି ସଂସ୍କରଣରେ ମାଣ ଗୁଣ୍ଠ ପ୍ରଭୃତି ଏକକାବଳୀ ଏବଂ ତତ୍ସଂକ୍ରାନ୍ତ ଅଙ୍କ ସନ୍ନିବେଶ ହେଲା ।

ପରିଶେଷରେ ଯେଉଁ ଦୁଇଜଣ କୃତବିଦ୍ୟ ଉତ୍କଳୀୟ ଭଦ୍ରମହୋଦୟଙ୍କ ସାହାଯ୍ୟରେ ଏହି ସଂସ୍କରଣ ପ୍ରକାଶିତ ହେଲା, ସେମାନଙ୍କ ପ୍ରତି ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଅଛୁଁ ।

ପ୍ରେସିଡେନ୍ସୀ କଲେଜ,
ଏପ୍ରେଲ, ୧୯୧୧ । } ଶ୍ରୀ ଶାରଦାପ୍ରସନ୍ନ ଦାସ ।

ସୂଚୀପତ୍ର ।

—•—

ଦ୍ୱିତୀୟ ଷ୍ଟାଣ୍ଡାର୍ଡ ।

ବିଷୟ ।	ପୃଷ୍ଠା ।
୧୦୦୦ରୁ ବଡ଼ ସଂଖ୍ୟାର ଲିଖନ ଓ ପଠନ ...	୧—୩
ଅମିଶ୍ର ଚାରି ନିୟମ—୧୦୦୦ରୁ ବଡ଼ ସଂଖ୍ୟା ...	୪—୬
ବିବିଧ ପ୍ରଶ୍ନ (୨)	୬—୧୧
ଅମିଶ୍ର ଚାରି ନିୟମ ସହିତ ବିବିଧ ନିୟମ	୧୧—୧୪
ଗଣ୍ଡା ହିସାବରେ ଦ୍ରବ୍ୟ ଗଣନା—ଏକ ଅଧା, ତଉଠ ପ୍ରଭୃତି ...	୧୫—୧୭
ଗଣ୍ଡା ଓ କଡ଼ାର ଲିଖନ—କଡ଼ାକିଆ	୧୭—୧୮
ସତୁଆ, ଦେଢ଼ିଆ ଓ ଅଢ଼େଇଆ	୧୯—୨୦
ଗଣ୍ଡା, ବୋଡ଼ି, ପଣ ଓ କାହାଣ—ଲିଖନ ଓ ଲଘୂକରଣ ...	୨୦—୨୩
ପ୍ରଚଳିତ ମୁଦ୍ରା—ବସ୍ତୁ ସାହାଯ୍ୟରେ ଶିକ୍ଷା ...	୨୩—୨୮
ବଜାର ଓଜନ—ବସ୍ତୁ ସାହାଯ୍ୟରେ ଶିକ୍ଷା ...	୨୮—୩୨
ସୁନାରୁପାର ଓଜନ	୩୨—୩୩
ଦେଶୀୟ ଦୈର୍ଘିକ ମାପ—କୋଶ, ହାତ ଇତ୍ୟାଦି—ବଘା, କାଠା ପ୍ରଭୃତି ଓ ପଦକା, କାହାଣ, ଓ ମାଣ, ଗୁଣ୍ଠ ପ୍ରଭୃତି	୩୩—୪୧
ମିଶ୍ର ଯୋଗ	୪୧—୪୨
ମିଶ୍ର ବିୟୋଗ	୪୨—୪୩
ମିଶ୍ର ଗୁଣନ	୪୩—୪୪
ମିଶ୍ର ଭାଗ	୪୪—୪୫
ମୌଖିକ ହିସାବର କେତୋଟି ସଙ୍କେତ—ଲଘୂକରଣ ...	୪୫—୪୭
ମିଶ୍ର ଯୋଗ ଓ ମିଶ୍ର ବିୟୋଗ—ମିଶ୍ର ଗୁଣନ—ମିଶ୍ର ଭାଗ ...	୪୭—୪୭
ମାଣ ଏକର, ପ୍ରଭୃତି—ଦେଶପ୍ରଚଳିତ ଜମିର କ୍ଷେତ୍ରଫଳ ...	୪୭—୫୧
ଗୁଣନର ସୁବିଧା ସ୍ଥଳ—ଅପେକ୍ଷାକୃତ ଅଳ୍ପ ସଂଖ୍ୟକ ପଂକ୍ତିରେ ଗୁଣନ	୫୧—୫୨

ବିଷୟ ।	ପୃଷ୍ଠା ।
ଭାଗର କେତୋଟି ସୁବିଧା ସୂତ୍ର	୪୨—୪୪
କେତୋଟି କୌଶଳ—ଦଓଟି ସଙ୍ଖ୍ୟାର ସମଷ୍ଟି ଓ ଅନ୍ତରରୁ ସଙ୍ଖ୍ୟା ଦଓଟିର ନିର୍ଣ୍ଣୟ	୪୪—୪୭
ଚତୁର୍ଥ ପ୍ରକରଣ—ଅଂଶ	୪୭ - ୪୮
ବିବିଧ ପ୍ରଶ୍ନ (୩)	୪୮—୪୯
ବିଭିନ୍ନ ପ୍ରକାର ଏକକ ଓ ଲଘୁକରଣ—ସମୟସଂକ୍ରାନ୍ତ ଏକକ	୪୯—୫୧
ବିଭିନ୍ନ ପ୍ରକାର ଇଂଲଣ୍ଡୀୟ ଏକକ	୫୧—୫୨
ମିଶ୍ର ଯୁକ୍ତ ନିୟମ—ମିଶ୍ର ଯୋଗ ଓ ମିଶ୍ର ବିୟୋଗ ...	୫୨—୫୩
ମିଶ୍ର ଗୁଣନ	୫୩
ମିଶ୍ର ଭାଗ—ମିଶ୍ରରାଶି ଦ୍ୱାରା ମିଶ୍ରରାଶିର ଭାଗ	୫୪—୫୫
ବିବିଧ ବିଷୟ	୫୫—୫୭
ବିବିଧ ପ୍ରଶ୍ନ (୪)	୫୭—୫୮

ନବ୍ୟ ଶିଶୁଗଣିତ ।

ଦ୍ୱିତୀୟ ଷ୍ଟାଣ୍ଡାର୍ଡ୍ ।

ପ୍ରଥମ ଅଧ୍ୟାୟ ।

ଏକ ହଜାର ଅପେକ୍ଷା ବଡ଼ ସଂଖ୍ୟାର ଲିଖନ ଓ ପଠନ ।

ପ୍ରଥମ ପରିଚ୍ଛେଦ—ସଂଖ୍ୟାପଠନ ।

୧ ଉଦା । ୭୮୨୪୫୬୭୩ ଏହି ସଂଖ୍ୟାଟି ପଢ଼ ।

ତୁମ୍ଭେ ଜାଣ ଯେ ଗଣିତରେ ଗୋଟିଏ ଗୋଟିଏ ଅଙ୍କ ଯଥାକ୍ରମେ ଏକକ, ଦଶକ, ଶତକ, ସହସ୍ର (ହଜାର), ଅୟୁତ, ଲକ୍ଷ, ନିୟୁତ, କୋଟି ପ୍ରଭୃତି ବୁଝାଉଅଛି; ସୁତରାଂ ୭୮୨୪୫୬୭୩ = ୭ କୋ. ୮ ନି. ୨ ଲ. ୪ ଅ. ୫ ହ. ୬ ଶ. ୭ ଦ. ୩ ଏ. କିନ୍ତୁ ୭ ଦ. ୩ ଏ. କୁ ଯେପରି ତେସ୍ତରି (ଏକକ) ବୋଲି ପଢ଼ିବାକୁ ହୁଏ, ଠିକ୍ ସେହିପରି ୪ ଅ. ୫ ହ. କୁ ୪୫ ହ. (ପଞ୍ଚଚାଳିଶ ହଜାର) ଏବଂ ୮ ନି. ୨ ଲ. କୁ ୮୨ ଲ. (ବୟାଅଶୀ ଲକ୍ଷ) ପଢ଼ିବା ପ୍ରଚଳିତ ରୀତି ଅଟେ । ଅତଏବ ଉକ୍ତ ସଂଖ୍ୟାଟିକୁ ନିମ୍ନୋକ୍ତରୂପେ ପଢ଼ିବାକୁ ହେବ :—

କୋଟି	ଲକ୍ଷ	ହଜାର	ଶ	(ଏକକ)
୭	୮୨	୪୫	୬	୭୩

ଅର୍ଥାତ୍ ସାତକୋଟି, ବୟାଅଶୀ ଲକ୍ଷ, ପଞ୍ଚଚାଳିଶ ହଜାର, ଛଅଶ, ତେସ୍ତରି ।

୨ ଉଦା । ୩୦୭୦୦୫୦୦୫୦୩ ଏହି ସଂଖ୍ୟାଟି ପଢ଼ ।

କୋଟି	ଲକ୍ଷ	ହଜାର	ଶ
୩୦୭	୦୫	୦୦	୫୦୩

ଅର୍ଥାତ୍ ୩୦୭, ୦୫, ୦୦, ୫, ୦୩; ଅତଏବ ସଂଖ୍ୟାଟି ତିନିଶ ସାତ କୋଟି ପାଞ୍ଚ ଲକ୍ଷ ପାଞ୍ଚଶ ତିନି ।

ଦ୍ରଷ୍ଟବ୍ୟ:—ଅଭ୍ୟାସ ହୋଇଗଲେ ଆଉ ରେଖା ଟାଣି ବା କମା ଦେଇ ଶ, ହଜାର ଲକ୍ଷ ପ୍ରଭୃତି ଅଙ୍କକୁ ପୃଥକ୍ କରିବାକୁ ହେବ ନାହିଁ ।

୪୨ ଉଦାହରଣମାଳା ।

୧ । ନିମ୍ନଲିଖିତ ସଂଖ୍ୟାଗୁଡ଼ିକୁ କ୍ରମଶଃ ପଢ଼ିଯାଅ :—

୨୦୦୦, ୪୫୦୦, ୭୮୨୫, ୮୦୦୪, ୯୧୨୦, ୧୦୦୦୦, ୨୫୦୦୭, ୩୦୨୭୮, ୪୦୦୫୭, ୫୦୦୦୮, ୫୮୦୦୦, ୬୦୦୬୦, ୭୦୬୦୦, ୮୨୪୫୭, ୯୦୯୦୯, ୯୯୯୯୯, ୨୦୦୦୦୦, ୩୦୦୦୦୩, ୩୦୦୦୪୦, ୪୦୦୪୦୦, ୪୦୪୦୪୦, ୫୨୪୦୦୦, ୬୫୦୦୦୮, ୭୫୭୦୭୫, ୮୫୮୦୮୫, ୯୯୦୦୯୯, ୨୦୦୦୩୦୦, ୩୦୦୫୦୦୦, ୪୦୬୦୦୦୦, ୫୭୦୦୩୪୫, ୭୫୭୪୩୨୪୫, ୭୦୭୦୭୦୭୦, ୮୫୦୦୦୦୮୫, ୯୦୦୯୦୦୯୦, ୯୦୦୯୦୦୯୦୦, ୧୦୦୧୦୦୧୦୦୧ ।

୨ । ଡାହାଣ ପଟୁ ଗଣିଲେ ୧ମ ୮ଟି ଅଙ୍କରେ ଯେଉଁ୨ ଏକକ ବୁଝାଏ, ସେମାନଙ୍କ ନାମ କ୍ରମଶଃ କହଯାଅ । ୭ ଅଙ୍କ ବାମରେ ଯେଉଁ ଅଙ୍କ ଥାଏ ତାହାଦ୍ୱାରା କଅଣ ବୁଝାଯାଏ ? ୫୦୦୦୦୦୦୦ ଏହି ସଂଖ୍ୟାଟିକୁ ପଢ଼, ଏହାକୁ ୫ ନିଯୁତ କହିଲେ ଭୁଲ ହେବ କି ?

୩ । ୩୪୪୭୭୮୨୧ ଏହି ସଂଖ୍ୟାର କେଉଁ ଅଙ୍କରେ କଅଣ ବୁଝାଏ ?

୪ । ୪୦୦୪୦୦୪୦୦ ଏହି ସଂଖ୍ୟାର କେଉଁ ୪ ଦ୍ୱାରା କଅଣ ବୁଝାଏ ?

ଦ୍ୱିତୀୟ ପରିଚ୍ଛେଦ—ସଂଖ୍ୟାଲିଖନ ।

୧ ଉଦା । ଅଠର କୋଟି ସାତ ଲକ୍ଷ ପନର ହଜାର ତିନ ଲେଖ ।

କୋଟି	ଲକ୍ଷ	ହଜାର	ଶ	ଏକକ
୧୮	୭	୧୫		୩
୧୮	୦୭	୧୫	୦	୦୩ ଉ:

୨ ଉଦା । ବାର ହଜାର ବାର ଶ ଲେଖ ।

୧୨ଶ ଯେ ୧ ହଜାର ୨ଶ, ସୁତରାଂ ୧୨ ହଜାର ୧୨ଶର ଅର୍ଥ ୧୩ ହଜାର ୨ଶ ଅର୍ଥାତ୍ ୧୩୨୦୦ ।

୪୩ ଉଦାହରଣମାଳା ।

ଅଙ୍କଦ୍ୱାରା ପ୍ରକାଶ କର —

୧ । ତିନ ହଜାର

୨ । ସାତ ହଜାର ତିନ ଶ ।

୩ । ପାଞ୍ଚ ହଜାର ତିନି ଶ ବାର ।

୪ । ପଁଚ ହଜାର ପଚିଶ

୫ । ତେର ହଜାର ତେର ଶ ତେର

୬ । ସତ୍ଶ ହଜାର

୭ । ସତୁର ହଜାର ସତୁର

୮ । ଛ ଲକ୍ଷ ଛ

୯ । ସାତ ଲକ୍ଷ ସତାଇଶ

୧୦ । ଆଠ ଲକ୍ଷ ଆଠ ହଜାର

୧୧ । ନଅ ଲକ୍ଷ ନଅ ହଜାର ନବେ

୧୨ । ଅଠର ଲକ୍ଷ ସାତ ହଜାର ସତର

୧୩ । ଅଣଷାଠି ଲକ୍ଷ କୋଡ଼ିଏ ହଜାର ସାତ ଶ

୧୪ । ଅଶୀ ଲକ୍ଷ ଅଶୀ ହଜାର

୧୫ । ୨ କୋଟି ୭ ଶ ୫

୧୬ । ୩ କୋଟି ୮

୧୭ । ୪ କୋଟି ୫ ଲକ୍ଷ ୭ ଶ ୭

୧୮ । ୬ କୋଟି ୫ ଲକ୍ଷ ୫

୧୯ । ୭ କୋଟି ୭ ଲକ୍ଷ ୭ ହଜାର ୭ ଶ ୭

୨୦ । ୨୩ କୋଟି ୫ ଲକ୍ଷ ୧୫ ହଜାର ୧୫

୨୧ । ୨୫ କୋଟି ୨୫ ଲକ୍ଷ ୨୬ ହଜାର ୨୫

୨୨ । ୪୦ କୋଟି ୨୦ ଲକ୍ଷ ୫୦ ହଜାର ୫ ଶ ସତର

୨୩ । ୩୦ କୋଟି ୩୦ ହଜାର

୨୪ । ୫୦୦ କୋଟି ୫ ଶ ୫

୨୫ । ୭୫୪ କୋଟି ୪୨ ଲକ୍ଷ ୧୫ ହଜାର ୧ ।

୨୬ । ୧, ୨, ୩ ଓ ୪ ଏହି କେତୋଟି ଅଙ୍କ ସାହାଯ୍ୟରେ ଏପରି ଗୋଟିଏ ସଂଖ୍ୟା ଲେଖ ଯେପରି ଏହାର ୧ ଦ୍ୱାରା ୧ ଶ, ୨ ଦ୍ୱାରା ୨ ହଜାର, ୩ ଦ୍ୱାରା ୩ ଏକକ ଏବଂ ୪ ଦ୍ୱାରା ୪ ଦଶକ ବୁଝାଯିବ ।

୨୭ । ଗୋଟିଏ ବାଳକକୁ ୩ କୋଟି ୫ ଲକ୍ଷ ୭ ହଜାର ୫ ଶ ୩ ଲେଖିବାକୁ କହିବାରୁ ସେ ୩୫୭୫୦୩ ଲେଖିଲା; ତାହାର କଅଣ ଭୁଲ ହେଲା ?

୨୮ । ଦୁଇଟି ଅଙ୍କଦ୍ୱାରା ସର୍ବାପେକ୍ଷା ବଡ଼ କେଉଁ ସଂଖ୍ୟା ଲେଖାଯାଇପାରିବ ଏବଂ ସର୍ବାପେକ୍ଷା ଛୋଟ କେଉଁ ସଂଖ୍ୟା ଲେଖାଯାଇପାରିବ, ଲେଖି ଦେଖାଅ ।

୨୯ । ୬ଟି ଅଙ୍କଦ୍ୱାରା ସର୍ବାପେକ୍ଷା ବଡ଼ କେଉଁ ସଂଖ୍ୟା ଲେଖ ଯାଇପାରେ ? ୫ଟି ଅଙ୍କଦ୍ୱାରା ପ୍ରକାଶିତ ସଂଖ୍ୟାଗୁଡ଼ିକ ମଧ୍ୟରେ ସର୍ବାପେକ୍ଷା ଛୋଟଟି ଲେଖ ।

* ୩୦ । ୧, ୨, ୩, ୪, ୫ ଏହି ଅଙ୍କଗୁଡ଼ିକ ମଧ୍ୟରୁ ପ୍ରତ୍ୟେକକୁ ଥରେ ମାତ୍ର ବ୍ୟବହାର କରି ଯେଉଁ ସବୁ ସଂଖ୍ୟା ଲେଖାଯାଏ, ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ଟି ଓ ସବୁଠାରୁ ଛୋଟଟି ଲେଖିଦିଅ ।

* ୩୧ । ଯେଉଁସବୁ ୪ ଅଙ୍କବିଶିଷ୍ଟ ସଂଖ୍ୟାରେ ୨ ବା ୦ ଭିନ୍ନ ଅନ୍ୟ ଅଙ୍କ ନାହିଁ, ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ଟି ଓ ସବୁଠାରୁ ଛୋଟଟି ଲେଖ ।

ଦ୍ୱିତୀୟ ଅଧ୍ୟାୟ ।

ଅମିଶ୍ର ଚାରି ନିୟମ—ଏକ ହଜାରରୁ ବଡ଼ ସଂଖ୍ୟା ।

ପ୍ରଥମ ପରିଚ୍ଛେଦ—ଯୋଗ ।

୧ ଉଦା । ୫୩୮ + ୨୧୯ + ୩୧୭ + ୧୦୮ + ୯୧୬ + ୧୦୦୯ = କେତେ ?

୫୩୮
୨୧୯
୩୧୭
୧୦୮
୯୧୬
୧୦୦୯
―――
୩୧୦୭

ବଡ଼ ବଡ଼ ଯୋଗ ଅଙ୍କମାନଙ୍କରେ ନିମ୍ନୋକ୍ତ ନିୟମ ଅବଲମ୍ବନ କଲେ ସୁବିଧା ହେବ :— ୮ ଆଉ ୯ ମିଶି ୧୭, ୧୭ ରୁ ୧ ଦଶ ଅପାତତଃ ଅନ୍ତର କରି ରଖ ଏବଂ ଏହି କଥା ମନେ ରଖିବାପାଇଁ ୯ ମୁଣ୍ଡଉପରେ ଗୋଟିଏ ଚିହ୍ନ ଦିଅ; ୧ ଦଶ ବାଦ ଦେବାରୁ ରହିଲା ୭, ୭ ଆଉ ୭ ମିଶି ୧୪, ୧ ଦଶ ଫେଡ଼ ଏବଂ ୭ ମୁଣ୍ଡଉପରେ ଚିହ୍ନ ଦିଅ, ବାକି ୪ ଆଉ ୮ ମିଶି ୧୨, ୧ ଦଶ ଫେଡ଼ ଏବଂ ୮ ମୁଣ୍ଡଉପରେ ଚିହ୍ନ ଦିଅ; ୨ ଆଉ ୬ ମିଶି ୮, ୮ ଆଉ ୯ ମିଶି ୧୭, ୧ ଦଶ ଫେଡି ୯ ମୁଣ୍ଡଉପରେ ଚିହ୍ନ ଦିଅ, ବାକି ୭ ତଳେ ରଖିବାକୁ ହେବ । ବର୍ତ୍ତମାନ ଦେଖ ୪ଟି ଅଙ୍କ ମୁଣ୍ଡଉପରେ ଚିହ୍ନ ପଡ଼ିଅଛି, ସୁତରାଂ ୪ ଦଶ ଫେଡ଼ି ରଖାଯାଇଅଛି, ଅତଏବ ହାତରେ ଅଛି ୪ (ଦଶ) । ଅନ୍ୟାନ୍ୟ ସ୍ତମ୍ଭର ଅଙ୍କଗୁଡ଼ିକର ଯୋଗ ସମୟରେ ମଧ୍ୟ ଏହିପରି କରିବ ।

୪୪ ଉଦାହରଣମାଳା ।

୧ । ୩୨୧ + ୪୨୦ + ୫୨୮ = କେତେ ? ୨ । ୭୮୩ + ୮୭୭ + ୯୭୨ = କେତେ ?

୩ । କୌଣସି କୃଷକର ୩୭୫ଟି ଗୋରୁ, ୧୫୭ଟି ମହିଷ, ୪୮୨ଟି ଛେଳି ଓ ୨୮୯ଟି ମେଣ୍ଢା ଅଛି; ତାହାର ମୋଟରେ ଏହି ୪ ପ୍ରକାରର କେତେ ପଶୁ ଅଛନ୍ତି ?

୪ । ରାମର ଆୟ ୧୮୭୫ ଟଙ୍କା; ଶ୍ୟାମର ଆୟ ୩୨୮ ଟଙ୍କା ବେଶୀ, ଯଦୁର ଆୟ ରାମ ଓ ଶ୍ୟାମର ଆୟର ସମଷ୍ଟି ସହିତ ସମାନ । ତିନି ଜଣଙ୍କର ଆୟ ମିଶି କେତେ ?

୫, ୬ ଓ ୭ ନମ୍ବର ଅଙ୍କର ସଂଖ୍ୟାଗୁଡ଼ିକୁ ବାଁ ଆଡ଼ୁ ଡାହାଣ ଆଡ଼କୁ ପଢ଼ି ଯୋଗ କର; ୮ ଠାରୁ ୧୨ ନମ୍ବର ଅଙ୍କରେ ସଂଖ୍ୟାଗୁଡ଼ିକୁ ଉପରୁ ତଳକୁ ପଢ଼ି ଯୋଗ କର; ୧୩ ନଂ ଅଙ୍କରେ ୫, ୬ ଓ ୭ ନଂ ଅଙ୍କର ଫଳଗୁଡ଼ିକ ଯୋଗ କର; ୧୪ ନଂ ଅଙ୍କରେ ୮ ଠାରୁ ୧୨ ନଂ ଅଙ୍କର ଫଳଗୁଡ଼ିକ ଯୋଗ କର । (ଦ୍ରଷ୍ଟବ୍ୟ:— ୧୩ ଓ ୧୪ ନଂ ଅଙ୍କରେ ଯୋଗଫଳ ସମାନ ହେବ, କାରଣ ପ୍ରତ୍ୟେକ ଯୋଗଫଳ ଉପରସ୍ଥ ସମସ୍ତ ସଂଖ୍ୟାର ସମଷ୍ଟି ।)

	୮ ।	୯ ।	୧୦ ।	୧୧ ।	୧୨ ।	୧୩ ।
୫ ।	୯୮	୧୦୫୧	୨୩୬୫	୮୭୬୮	୮୪୫୬	......
୬ ।	୯୭୮	୪୦୭୮	୫୬୮୪	୭୪୫୭	୭୬୫୨	......
୭ ।	୯୮୭୨	୯୯୯୯	୯୮୭୯	୮୯୮୯	୧୩୫୪	......
୧୪ ।	......	......	......	......	.....	

ଉପରୋକ୍ତ ପ୍ରଣାଳୀରେ ଯୋଗକର:—

	୧୯ ।	୨୦ ।	୨୧ ।	୨୨ ।	୨୩ ।
୧୫ ।	୮୯୫୬	୪୬୬	୭୮୪୫୨	୭୩୪୬୮୨	......
୧୬ ।	୭୬୫୪୩	୨୩୪୧	୧୨୯୦୮୪	୫୬୮୨୧୪	......
୧୭ ।	୩୨୪୫୬୭	୪୦୩୫୯	୭୬୫୪୨୩	୨୦୦୩୪୫	......
୧୮ ।	୪୫୮୯୦୮	୮୭୮୬୯୮	୮୬୬୪୫୨	୮୫୪୯୭୭	......
୨୪ ।	......	......	......	......	

୨୫ । ଏକ ବ୍ୟକ୍ତି କନ୍ୟାକୁ ୧୦୦୦ ଟଙ୍କା, ୪ର୍ଥ ପୁତ୍ରକୁ କନ୍ୟାର ଦୁଇଗୁଣ, ୩ୟ ପୁତ୍ରକୁ ୪ର୍ଥ ଅପେକ୍ଷା ୫୫୦ ଟଙ୍କା ଅଧିକ, ୨ୟ ପୁତ୍ରକୁ ୩ୟ ଅପେକ୍ଷା ୬୭୫ ଟଙ୍କା-ଅଧିକ ଏବଂ ଜ୍ୟେଷ୍ଠ ପୁତ୍ରକୁ ଅନ୍ୟ ୩ ପୁତ୍ରଙ୍କର ସମାନ ଟଙ୍କା ଦେଲେ । ସେ ପୁତ୍ର କନ୍ୟା-ମାନଙ୍କୁ ମୋଟରେ କେତେ ଟଙ୍କା ଦେଲେ ?

୨୬ । କୌଣସି ଦେଶରେ ପୁରୁଷ ଅପେକ୍ଷା ସ୍ତ୍ରୀ ୩୫୬୭ ଜଣ ଅଧିକ ଅଛନ୍ତି ; ପୁରୁଷ-ସଂଖ୍ୟା ୧୫୩୭୦୬୫ ହେଲେ ସ୍ତ୍ରୀସଂଖ୍ୟା କେତେ ଏବଂ ମୋଟ ଲୋକସଂଖ୍ୟା ସୁଦ୍ଧା କେତେ ?

ଦ୍ୱିତୀୟ ପରିଚ୍ଛେଦ—ବିୟୋଗ ।

୪୫ ଉଦାହରଣମାଳା ।

ବିୟୋଗ କର :—

୧ । ୭୦୭୪ − ୫୧

୨ । ୮୫୪୭ − ୯୯୯

୩ । ୮୭୬୫ − ୫୬୭୮

୪ । ୪୩୨୫୭ − ୭୬୮୭

୫ । ୭୬୮୫୬୭ − ୩୨୦୭୪୮

୬ । ୧୦୦୦୦ − ୩୭୫୪

୭ । ୪୫୩୨୪ − ୨୭୨୧୫

୮ । ୭୪୬୮୭୮୭   ୯ । ୨୨୦୩୪୨୦୫

୭୩୨୪୭୭୫   ୧୦୫୩୨୩୪୫

୧୦ । ୨୨୨୨୨୨୨୨୨—୮୮୮୮୮୮=କେତେ ? ଏହି ବିୟୋଗଫଳ ଓ ୨ କୋଟି ୧୦ ଲକ୍ଷ ୩୦ ଏବ ୩ ଲକ୍ଷ ୩୩ ହଜାର ୩ ଶ ୩ ର ଯୋଗଫଳର ଅନ୍ତର କେତେ ?

୧୧ । ୭ ଲକ୍ଷ ୭ ଲେଖିବାକୁ କହିବାରୁ ଯଦୁ ଓ ମଧୁ ଯଥାକ୍ରମେ ୭୦୦୦୭ ଓ ୭୦୦୦୦୦୭ ଲେଖିଲେ ; କିଏ କେତେ କମ୍ ବା ବେଶୀ ଲେଖିଲା ?

୧୨ । ରାମ, ଶ୍ୟାମ ଓ ଯଦୁର ମୋଟରେ ୩୭୬୮୫ ଟଙ୍କା ଅଛି ; ରାମ ଓ ଯଦୁର ୨୫୭୮୬ ଟଙ୍କା ଏବ ରାମର ୧୩୪୯୫ ଟଙ୍କା ହେଲେ କାହାର କେତେ ?

୧୩ । ହରିର ଅପେକ୍ଷା ଯଜ୍ଞେଶ୍ୱରର ଯେତେ ଟଙ୍କା ବେଶୀ, ଶ୍ରୀଧର ଅପେକ୍ଷା ଯଜ୍ଞେଶ୍ୱରର ସେତେ ଟଙ୍କା କମ୍ । ଯଜ୍ଞେଶ୍ୱରର ୧୫୬୨୦ ଟଙ୍କା ଓ ଶ୍ରୀଧରର ୨୦୦୦୦ ଟଙ୍କା ଥିଲେ, ହରିର କେତେ ଟଙ୍କା ଅଛି ?

ତୃତୀୟ ପରିଚ୍ଛେଦ—ଗୁଣନ ।

୧ ଉଦା । (କ) ୭୦ × ୫୦ = କେତେ ? (ଖ) ୭୦୦ × ୫୦ = କେତେ ?

(କ)
```
   ୭୦
   ୫୦
 ----
 ୩୫୦୦
```
ଦଶକ × ଦଶକ = ଶତକ, ସୁତରାଂ ୭ ଦଶକ × ୫ ଦଶକ = ୩୫ ଶତକ = ୩୫୦୦ ।

(ଖ)
```
   ୭୦୦
    ୫୦
 -----
 ୩୫୦୦୦
```
ଶତକ × ଦଶକ = ସହସ୍ର, ସୁତରାଂ ୭ ଶତକ × ୫ ଦଶକ = ୩୫ ସହସ୍ର = ୩୫୦୦୦

୨ ଉଦା । ୫୪୩୮ କୁ ୨୦୭ ଦ୍ୱାରା ଗୁଣ କର ।

```
    ୫୪୩୮
     ୨୦୭
 -------
   ୩୮୦୬୬
 ୧୦୮୭୬
 -------
 ୧୧୨୫୬୬୬
```

୫୪୩୮ × ୭ ଏକକ = ୩୮୦୬୬ ଏକକ

୫୪୩୮ × ୦ = ୦, (କୌଣସି ସଂଖ୍ୟାକୁ ୦ ଦେଇ ଗୁଣିଲେ ଅର୍ଥାତ୍ ୦ ଥର ନେଲେ କିଛି ରହିବ ନାହିଁ, ସୁତରାଂ ଫଳ ୦ ହେବ) ।

୫୪୩୮ × ୨ ଶତକ = ୧୦୮୭୬ ଶତକ, ସୁତରାଂ ଶତକ ସ୍ଥାନରୁ ଏହି ଗୁଣଫଳ ଲେଖାଗଲା ।

୪୬ ଉଦାହରଣମାଳା ।

ଏକ ଧାଡ଼ିରେ ଗୁଣକର :—

୧ । ୮୮	୨ । ୮୭	୩ । ୧୨୫	୪ । ୩୪୬୦	୫ । ୩୦୨୬୦
୧୨	୧୬	୧୫	୨୦୦	୧୨୦୦୦

୬ । ୪୫୭୮ × ୧୧ ୭ । ୭୬୮୭୪ × ୧୨ ୮ । ୫୦୬୮୨୪ × ୧୬

୯ । ୮୯୫୭୨୮ × ୬୦ ୧୦ । ୨୦୦୭୭୫ × ୮୦୦ ୧୧ । ୫୪୭୭୮୯୦ × ୯୦୦

୧୨ । ୭୫୪୩୨୮୭୭ କୁ ଯଥାକ୍ରମେ ୪, ୬ ଓ ୯ ଦ୍ୱାରା ଗୁଣ କର ।

ଗୁଣଫଳ ସ୍ଥିର କର :—

୧୩ । ୫୬୭୮	୧୪ । ୭୮୩୪	୧୫ । ୮୭୩୨	୧୬ । ୩୪୫୬୦୦
୪୫	୩୦୭	୫୦୬୪	୨୦୦୩୪୦

୧୭ । ୮୭୩୪ × ୬୩ = କେତେ ? ୧୮ । ୮୭୩୪ × ୬୦୬୩ = କେତେ ?

୧୯ । ୮୭୩୪ × ୬୩୭୩୬୩ = କେତେ ?

୨୦ । ୪୫୭୨ କୁ ୯୫ ଥର ରଖି ଯୋଗ କଲେ ଯୋଗଫଳ କେତେ ହେବ ?

୨୧ । ୮୫୭୭୫ × ୭ ଏବଂ ୩୫୭୭୮ × ୫ ର ଅନ୍ତର ସ୍ଥିର କର ।

୨୨ । ଗୋଟିଏ ଘଣ୍ଟା ପ୍ରତିଦିନ ୧୫୬ ଥର ବାଜେ, ୩୪୫ ଦିନରେ କେତେ ଥର ବାଜିବ ?

୨୩ । ଗଣିତ ପୁସ୍ତକରେ ୧୫୪ ପୃଷ୍ଠା, ପ୍ରତି ପୃଷ୍ଠାରେ ୩୨ ଧାଡ଼ି ଏବଂ ପ୍ରତି ଧାଡ଼ିରେ ୩୫ଟି ଲେଖାଏଁ ଅକ୍ଷର ଅଛି । ସେହି ପୁସ୍ତକରେ ମୋଟରେ କେତେ ଅକ୍ଷର ଅଛି ?

୨୪ । ୧୭୨୮ ଜଣ ମଧ୍ୟରେ ପ୍ରତ୍ୟେକଙ୍କୁ ୮୭ଟି ଲଡ଼ୁ, ୧୨୩ଟି କୋଳି ଓ ୮ଟି ଲେଖାଏଁ କମଳା ଦେବାକୁ ହେଲେ କେତେ ଲଡ଼ୁ, କୋଳି ଓ କମଳାର ପ୍ରୟୋଜନ ?

ଚତୁର୍ଥ ପରିଚ୍ଛେଦ—ଧାରାବାହିକ ଗୁଣଫଳ ଓ ବର୍ଗ ପ୍ରଭୃତି ।

୪୭ ଉଦାହରଣମାଳା ।

କେତେ ହେବ ସ୍ଥିର କର :—

୧ । $୨^{୮} \div ୮^{୨}$ = କେତେ ? ୨ । $୩^{୫} - ୫^{୩}$ = କେତେ ?

୩ । $୧୨^{୩}$, $୧୩^{୩}$ ୪ । $୭୫^{୨}$ ୫ । $୧୪^{୩}$ ୬ । $୧୨୫^{୨}$

୭ । ୧୫ × ୧୫ × ୧୭ ୮ । ୧ × ୨ × ୩ × ୪ × ୫ × ୬ × ୭ × ୮ × ୯ × ୧୦

୯ । ୧୭ × ୧୮ × ୧୯ ଓ $୧୮^{୩}$ ର ଅନ୍ତର କେତେ ?

ପଞ୍ଚମ ପରିଚ୍ଛେଦ—ଭାଗ ।

୧ ଉଦା । ୧୫୩୪୭୮୨ କୁ ୬୨୦୦୦ ଦ୍ୱାରା ଭାଗ କର ।

```
୬୨,୦୦୦ ) ୧୫୩୪୭୮୨ ( ୨୪
          ୧୨୪
          ---
          ୨୯୪
          ୨୪୮
          ---
          ୪୬,୭୮୨
```

ଭାଜକର ୩ଟି ୦ ଓ ଭାଜ୍ୟର ଡାହାଣରୁ ୩ଟି ଅଙ୍କ ଛାଡ଼ିଦେଇ ଭାଗ କର । ୧୫୩୪ କୁ ୬୨ ଦ୍ୱାରା ଭାଗ କଲେ ୪୬ ଭାଗ-ଶେଷ ରହେ । ସୁତରାଂ ୧୫୩୪ ହଜାରକୁ ୬୨ ହଜାର ଦ୍ୱାରା ଭାଗ କଲେ ଭାଗଶେଷ ୪୬ ହଜାର ହେବ । ଅତଏବ ୧୫୩୪ ହଜାର ୭୮୨ କୁ ୬୨ ହଜାର ଦ୍ୱାରା ଭାଗ କଲେ ଭାଗଶେଷ ୪୬ ହଜାର ୭୮୨ ହେବ ।

୮ମ ଉଦାହରଣମାଳା ।

୧ମ ସଂଖ୍ୟାଟିକୁ ୨ୟଟି ଦ୍ୱାରା ହ୍ରସ୍ୱଭାଗ ଧାରାନୁସାରେ ଭାଗ କର :—

୧ । ୧୦୧୬, ୧୧   ୨ । ୨୩୪୫, ୧୨   ୩ । ୯୨୧୩, ୧୬

୪ । ୧୦୫୬୮, ୨୦   ୫ । ୮୯୬୬୬, ୩୦୦   ୬ । ୩୪୫୭୮୬୨, ୮୦୦୦

୭ । ୨୦୫୭୮୨୦୫, ୧୬୦୦   ୮ । ୨୩୫୪୬୬ କୁ ଯଥାକ୍ରମେ ୯, ୧୧, ୧୨ ଓ ୧୬ ଦ୍ୱାରା ଭାଗ କର ।

୧ମ ସଂଖ୍ୟାକୁ ୨ୟ ଦ୍ୱାରା ଭାଗ କର :—

୯ । ୧୨୯୮, ୨୧   ୧୦ । ୯୮୭୯, ୬୭   ୧୧ । ୫୪୩୬୨ ୧୨୫

୧୨ । ୧୦୦୭୮୪, ୯୯୫   ୧୩ । ୧୫୪୩୨୬, ୨୩୪୪

୧୪ । ୯୮୭୫୪୭୯, ୯୦୦୬ ।

୧୫ । ୧୩୭୨୧ ଟଙ୍କା ÷ ୫୩ = କେତେ ? ୧୩୭୨୧ ଟ ÷ ୫୩ ଟ = କେତେ ?

୧୬ । କେଉଁ ସଂଖ୍ୟାକୁ ୭୫ ଥର ଲେଖି ଯୋଗ କଲେ ଯୋଗଫଳ ୧୮୪୭୨୫ ହେବ ?

୧୭ । ୭୭୮୪୫୭୭ ଟଙ୍କାରୁ ଉର୍ଦ୍ଧ୍ୱ ସଂଖ୍ୟାରେ କେତେ ଟଙ୍କା ୭୪୦୫୦ ଥର ବିୟୋଗ କରାଯିବ ?

୧୮ । ଗୋଟିଏ ବଣିକ୍ ୩୪୫୦ ମହଣ ମସଲା ୪୨୭୮୦୦ ଟଙ୍କା ମୂଲ୍ୟରେ କ୍ରୟ କରି ପ୍ରତି ମହଣରେ ୨ ଟଙ୍କା ଲାଭ କଲା, ଏହି ବଣିକ୍ ପ୍ରତି ମହଣ କେତେ ଦରରେ ବିକିଥିଲା ?

୧୯ । ଏକ ବିଘା ଜମିର ମୂଲ୍ୟ ୧୨୩୫ ଟଙ୍କା ; ଯାହାଙ୍କର ୪୭୬୮୩୫ ଟଙ୍କା ଅଛି ସେ ଉକ୍ତ ସଂଖ୍ୟାରେ କେତେ ବିଘା ଜମି କିଣି ପାରିବେ ?

୨୦ । କୌଣସି ରାଜବାଟୀରେ ବିବାହ ଉପଲକ୍ଷେ ୧ ଲକ୍ଷ ମାଠିଆ ଦହି କିଣା-ହେଲା । ପ୍ରତି ମାଠିଆରେ ୩ ସେର ଦହି ଧରେ । ଯଦି ସମସ୍ତ ମାଠିଆର ଦହି କୁଣ୍ଡରେ ଢଳାଯାଏ, ଏବଂ ପ୍ରତ୍ୟେକ କୁଣ୍ଡରେ ୧୧୮ ସେର ଦହି ଧରେ, ତେବେ ଅନ୍ତତଃ କେତୋଟି କୁଣ୍ଡର ପ୍ରୟୋଜନ ହେବ ?

ଷଷ୍ଠ ପରିଚ୍ଛେଦ—ବିବିଧ ପ୍ରଶ୍ନ (୨)

୧ । ୧୦୦୦୦୦—୫୭୯=କେତେ ? [୯୯୯୯ ରୁ ୫୭୮ ଅନ୍ତର କର]

୨ । ୭୮୫୪୩+୯୯୮=କେତେ ? [୧୦୦୦ ଯୋଗ କର ୨ ଅନ୍ତର କର]

୩ । ୩୮୯୪୨୫—୯୯୭=କେତେ ? [୩ ଯୋଗ ଓ ୧୦୦୦ ବିୟୋଗ କର]

୪ । ୫୪୬୭୫—୯୯୮—୧୯୯୭=କେତେ ?

୫ । ଦୁଇଟି ସଂଖ୍ୟାର ଅନ୍ତର ୯୭୨୫, ଗୋଟିଏ ୧୯୯୫ ହେଲେ ଅପରଟି କେତେ ?

୬ । (କ) ଦୁଇ ସଂଖ୍ୟାର ଗୁଣଫଳ ୧୮୭୫ ; ଗୋଟିଏ ସଂଖ୍ୟା ୨୫ ହେଲେ ଅନ୍ୟଟି କେତେ ? (ଖ) ୯୩୭୫ କେଉଁ ସଂଖ୍ୟାର ୭୫ ଗୁଣ ? (ଗ) କେଉଁ ସଂଖ୍ୟାକୁ ୪୫ ଥର ରଖି ଯୋଗ କଲେ ଯୋଗଫଳ ୨୭୪୫ ହେବ ?

୭ । ଭାଜକ ୫୮୧୨, ଭାଗଫଳ ୧୨, ଭାଗ ଶେଷ ୧୩ ; ଭାଜ୍ୟ କେତେ ?

୮ । କେଉଁ ସଂଖ୍ୟାକୁ ୨୪୪ ଦ୍ୱାରା ଭାଗ କଲେ ଭାଗଫଳ ୭୩ ଓ ଭାଗଶେଷ ୧୪୧ ହେବ ?

୯ । ଭାଜ୍ୟ ୫୫୧୩, ଭାଗଫଳ ୨୫, ଭାଗଶେଷ ୭୩ ; ଭାଜକ କେତେ ?

୧୦ । ୫୭୭ରୁ ଅନ୍ତତଃ କେତେ ବିୟୋଗ କଲେ ବିୟୋଗଫଳ ୨୮ ସମାନ ଭାଗରେ ବିଭକ୍ତ ହୋଇପାରିବ ?

୧୧ । ୯୮୭୫୦୧ ରୁ ୨୮୭୫୪ କେତେଥର ବିୟୋଗ କରାଯାଇପାରେ ଏବଂ ସର୍ବ ଶେଷରେ ବିୟୋଗଫଳ କେତେ ହେବ ?

୧୨ । ଭାଜ୍ୟ ୯୭୦୨୪, ଭାଜକ ୭୩୦ ; ଭାଜ୍ୟରେ ଅନ୍ତତଃ କେତେ ଯୋଗ କଲେ ଭାଗଶେଷ ରହିବ ନାହିଁ ?

୧୩ । ରଘୁବାବୁଙ୍କ ନିକଟରେ ୧୦୧୫ଟି କୋଳି ଅଛି । ଅନ୍ତତଃ ଆଉ କେତୋଟି କୋଳି ହେଲେ, ସେ ସମସ୍ତ କୋଳିଗୁଡ଼ିକ ୩୩ ଜଣ ବାଳକଙ୍କୁ ସମାନ ଭାଗରେ ବାଣ୍ଟି ପାରିବେ ଏବଂ ତାହା ହେଲେ ପ୍ରତ୍ୟେକ ବାଳକ କେତୋଟି ଲେଖାଏଁ କୋଳି ପାଇବେ ?

୧୪ । ଗୋଟିଏ ପଦାର୍ଥ ୧୦୮୫ ଟଙ୍କାରେ ବିକ୍ରି କରିବାରୁ ୨୭୩ ଟଙ୍କା କ୍ଷତି ହେଲା; କେତେ ଟଙ୍କାରେ ବିକିଥିଲେ ୮୦୧ ଟଙ୍କା ଲାଭ ହୋଇଥାନ୍ତା ?

୧୫ । ଜଣେ ମୁଦି ମହଣକୁ ୧୦ ଟଙ୍କା ଦରରେ ୧ ମହଣ ଚିନି, ମହଣକୁ ୭ ଟଙ୍କା ଦରରେ ୧୨ ମହଣ ମଇଦା, ଏବଂ ମହଣକୁ ୩୨ ଟଙ୍କା ଦରରେ ୮ ମହଣ ଘିଅ ଖରିଦ କଲା । ସମସ୍ତ ଜିନିଷ କେତେ ଦରରେ ବିକିଲେ ତାହାର ୮୭ ଟଙ୍କା ଲାଭ ହେବ ?

୧୬ । ୧୧୧୬ ଜଣ ସୈନିକ ସମାନ ଭାଗରେ ୨୧ ଲାଇନରେ ଠିଆ ହେଲେ । ପ୍ରତି ଲାଇନରେ ଆଉ ୬ ଜଣ ଲେଖାଏଁ ଅଧିକ ସୈନ୍ୟ ଠିଆ ହୋଇଥିଲେ କେତୋଟି ଲାଇନ ହୋଇଥାନ୍ତା ?

୧୭ । କେଉଁ ସଂଖ୍ୟାରେ ୨୫ ଯୋଗ କରି, ଯୋଗଫଳକୁ ୫ ଦ୍ୱାରା ଭାଗ କଲେ ଭାଗଫଳ ୧୦ ହେବ ?

୧୮ । ଗୋଟିଏ ସଂଖ୍ୟାରୁ ୩୧୫ ବିୟୋଗ କରି ବିୟୋଗଫଳକୁ ୭ ଦ୍ୱାରା ଗୁଣ କରାଗଲା । ଏହି ଗୁଣଫଳରେ ୨୭୫ ଯୋଗ କରି ଯୋଗଫଳକୁ ୨୫ ଦ୍ୱାରା ଭାଗ କରିବାରୁ ଭାଗଫଳ ୩୧ ହେଲା । ଉକ୍ତ ସଂଖ୍ୟାଟି କେତେ ?

୧୯ । ୪୨୦୮ ସହିତ କେତେ ଯୋଗ କରି ଯୋଗଫଳର ୫ ଗୁଣକୁ ୮୭୨୧ ଓ ୭୭୧୧ ର ଅନ୍ତର ଦ୍ୱାରା ଗୁଣ କଲେ ଗୁଣଫଳ ୩୧୪୧୩୦୦୦ ହେବ ?

୨୦ । ୨୦୫ ଗଜ ଲୁଗା, ଗଜକୁ ୧୪ ଟଙ୍କା ଦରରେ କିଣି ୪୧୦ ଟଙ୍କା ଲାଭରେ ବିକି ଦିଆଗଲା, ଗଜ କେତେ ଦରରେ ବିକି କରିବାକୁ ହେବ ?

୨୧ । ୪୦୧୩ ରୁ ୨୮୧ କେତେଥର ଅନ୍ତର କଲେ ଅବଶିଷ୍ଟ ୨୮୧ ଅପେକ୍ଷା କମ୍ ହେବ ?

୨୨ । ୫ଟି ଅଙ୍କରେ ପ୍ରକାଶିତ ସଂଖ୍ୟାଗୁଡ଼ିକ ମଧ୍ୟରେ ସର୍ବାପେକ୍ଷା ବଡ଼ଟିରୁ ସର୍ବାପେକ୍ଷା ଛୋଟଟି ବିୟୋଗ କର ।

୨୩ । ଶରତ୍ କେତେଗୁଡ଼ିଏ କଲା ଜାମ୍ବୁ କିଣି ୮ ସମାନ ଭାଗ କଲା ଏବଂ ୨ ଭାଗ ନିଜେ ରଖିଲା । ବର୍ତ୍ତମାନ ତା ପାଖରେ ୪୨ ଟି ଅଛି, ସେ ମୋଟରେ କେତୋଟି କିଣିଥିଲା ?

୨୪ । ଜଣେ ଫଳବିକେତା ପଣାକୁ ୫ଟି ହିସାବରେ ୮୨୫ଟି ଏବଂ ୨ ପଣାକୁ ୭ଟି ହିସାବରେ ୭୦୫ଟି ଫଳ କିଣି ସମୁଦାୟ ଫଳକୁ ହରଦରରେ ପଣାକୁ ୪ଟି ଲେଖାଏଁ ବିକିଲା । ଏଥିରେ ତାହାର କେତେ ଲାଭ ବା କ୍ଷତି ହେଲା ?

୨୫ । ଗୋଟିଏ ଟୋକେଇରେ ୮୪୫ଟି ଆମ୍ବ ଅଛି, ଏଥିରୁ କେତୋଟି ଆମ୍ବ ରଖି ଅବଶିଷ୍ଟକୁ ନେଇ ସମାନରୂପେ ୫ ଭାଗ କରିଦେଲି । ପ୍ରତି ଭାଗରେ ଯେତୋଟି

ଲେଖାଏଁ ପଡ଼ିଲା, ଟୋକେଇରେ ତାହାଠାରୁ ୨ଟି କମ୍ ଥିଲେ, ଟୋକେଇରେ କେତେ ଲିଚୁ ବାକି ଅଛି ? [୨ଟି ଲିଚୁ ଅଧିକ ଥିଲେ ସମସ୍ତ ଲିଚୁଗୁଡ଼ିକ ୭ ସମାନ ଭାଗରେ ବିଭକ୍ତ ହୋଇଥାଆନ୍ତା, ଇତ୍ୟାଦି] ।

ତୃତୀୟ ଅଧ୍ୟାୟ ।

ଅମିଶ୍ର ଗୁଣନିୟମ-ଘଟିତ ବିବିଧ ନିୟମ ।

ପ୍ରଥମ ପରିଚ୍ଛେଦ—ଗୁଣ ଓ ଭାଗ ଚିହ୍ନ-ଘଟିତ ପ୍ରଶ୍ନ ।

୧ ଉଦା । ୪୮ ÷ ୮ × ୬ = କେତେ ?

କେତେଗୁଡ଼ିଏ ସଂଖ୍ୟା କେବଳ ଗୁଣଚିହ୍ନ କିମ୍ବା କେବଳ ଭାଗଚିହ୍ନ କିମ୍ବା କେବଳ ଏହି ଦୁଇ ଚିହ୍ନ ଦ୍ୱାରା ସଂଯୁକ୍ତ ଥିଲେ, ଗୋଟିଏ ଗୋଟିଏ ଚିହ୍ନର କାର୍ଯ୍ୟ (ଗୁଣ ହେଉ ବା ଭାଗ ହେଉ) ବାମ ଅଙ୍କରୁ ଡାହାଣ ଅଙ୍କକୁ କ୍ରମେ କରିବାକୁ ହୁଏ (ଏହାହିଁ ପ୍ରଚଳିତ ରୀତି) । ଅତଏବ, ୪୮ ÷ ୮ × ୬ = ୬ × ୬ = ୩୬ ।

୪୯ ଉଦାହରଣମାଳା ।

୧ । ୧୨ ÷ ୪ × ୩ = କେତେ ?

୨ । ୧୨ × ୪ ÷ ୩ = କେତେ ?

୩ । ୧୬ ÷ ୮ ÷ ୨ = କେତେ ?

୪ । ୨୪ ÷ ୩ ÷ ୨ × ୪ × ୫ = କେତେ ?

ସରଳ କର ;—

୫ । ୨୫୭ ÷ ୮ × ୩ ÷ ୬ × ୨

୬ । ୬୨୫ × ୪ ÷ ୨୫ ÷ ୫ × ୨

୭ । ୫୪ ÷ ୫୨ × ୪୨ ÷ ୪

୮ । ୮ × ୨ × ୨ ÷ ୪ ÷ ୨ × ୫ ÷ ୧୦

ଦ୍ୱିତୀୟ ପରିଚ୍ଛେଦ । +, −, × ଓ ÷ ଚିହ୍ନ-ଘଟିତ ପ୍ରଶ୍ନ ।

୧ ଉଦା । ୬ × ୨ + ୪ ÷ ୨ = କେତେ ।

ପ୍ରଥମେ ଗୁଣ ଓ ଭାଗର କାର୍ଯ୍ୟ ଶେଷ କରି ପରେ ଯୋଗବିୟୋଗର କାର୍ଯ୍ୟ କରିବାହିଁ ପ୍ରଚଳିତ ରୀତି ଅଟେ । ଅତଏବ ଏଠାରେ ପ୍ରଥମେ ୬ କୁ ୨ ଦ୍ୱାରା ଗୁଣ କରିବାକୁ ହେବ, ଏବଂ ୪ କୁ ୨ ଦ୍ୱାରା ଭାଗ କରିବାକୁ ହେବ, ତତ୍ପରେ ଗୁଣଫଳ ଓ ଭାଗଫଳ ଯୋଗ କରିବାକୁ ହେବ । ୬ × ୨ = ୧୨, ୪ ÷ ୨ = ୨ ;

ଅତଏବ ୬ × ୨ + ୪ ÷ ୨ = ୧୨ + ୨ = ୧୪ ।

୨ ଉଦା । ୬ × ୪ ÷ ୩ + ୮ ÷ ୪ × ୨ − ୬ × ୨ ÷ ୪ = କେତେ ?

୬×୪÷୩=୨୪÷୩=୮, ୮÷୪×୨=୨×୨=୪, ୬×୨÷୪=୧୨÷୪=୩, ଅତଏବ,

୬×୪÷୩+୮÷୪×୨−୬×୨÷୪=୮+୪−୩=୧୨−୩=୯ ।

୫୦ ଉଦାହରଣମାଳା ।

୧ । ୩×୪+୫=କେତେ ?

୨ । ୩×୫+୪=କେତେ ?

୩ । ୪×୫+୩=କେତେ ?

୪ । ୧୨−୩×୨=କେତେ ।

୫ । ୧୨×୨−୩=କେତେ ?

୬ । ୩×୪+୫×୨=କେତେ ?

୭ । ୫×୭−୮÷୪=କେତେ ?

୮ । ୬×୭−୪×୮=କେତେ ?

୯ । ୨×୩+୪×୪−୪×୫=କେତେ ?

୧୦ । ୬÷୨+୩×୨−୧୫÷୫+୮×୩=କେତେ ?

୧୧ । ୮÷୨÷୨+୬×୪−୯×୨÷୩=କେତେ ?

୧୨ । ୩×୪×୫×୬−୨×୩×୪×୫+୨୪÷୨×୩÷୧୨=କେତେ ।

୧୩ । ସରଳ କର:—

$୧୮^{୩} \div ୧୮^{୨} \times ୫ - ୧୭^{୫} \div ୧୭^{୪} + ୫^{୨} \times ୪^{୨} \div ୨^{୩} + ୧୭ \times ୮$

ତୃତୀୟ ପରିଚ୍ଛେଦ—ଗୁଣନର ସୁବିଧାସ୍ଥଳ ।

୧ ଉଦା । ୩୨୫ କୁ ଯଥାକ୍ରମେ ୫ ଓ ୨୫ ଦ୍ୱାରା ଗୁଣକର ।

୫=୧୦÷୨; ୨୫=୧୦୦÷୪;

ଅତଏବ, ୫ ଗୁଣ ୩୨୫=(୧୦ ଗୁଣ ୩୨୫)÷୨=୩୨୫୦÷୨=୧୬୨୫ ଅର୍ଥାତ୍ ତାହାର ଅଙ୍କେ ଗୋଟିଏ ୦ ଦେଇ ୨ ଦ୍ୱାରା ଭାଗ କଲେ ୫ ଦ୍ୱାରା ଗୁଣ କରିବା ହୁଏ ।

୨୫ ଗୁଣ ୩୨୫=(୧୦୦ ଗୁଣ ୩୨୫)÷୪=୩୨୫୦୦÷୪=୮୧୨୫ ଅର୍ଥାତ୍ ତାହାର ଅଙ୍କେ ଦୁଇଗୋଟି ୦ ଦେଇ ୪ ଦ୍ୱାରା ଭାଗ କଲେ ୨୫ ଦ୍ୱାରା ଗୁଣ କରିବା ହୁଏ ।

୨ ଉଦା । ୩୮୭କୁ ୯୯ ଦ୍ୱାରା ଗୁଣ କର ।

୩୮୭୦୦ = ୧୦୦ ଗୁଣ ୩୮୭

୩୮୭ = ୧ ଗୁଣ ୩୮୭ (୯୯=୧୦୦−୧)

୩୮୩୧୩ = ୯୯ ଗୁଣ ୩୮୭

୩ ଉଦା । ୨୭୩ କୁ ୧୧୨ ଦ୍ୱାରା ଗୁଣ କର ।

୨୭୩	୧୧୨=୧୬×୭, ସୁତରାଂ
୧୬	୧୬ ଗୁଣ ୨୭୩ ର ୭ ଗୁଣ=୧୧୨ ଗୁଣ ୨୭୩ ।
୪୩୬୮	
୭	
୩୦୫୭୬	

୬୧ ଉଦାହରଣମାଳା ।

ସଂକ୍ଷିପ୍ତ ନିୟମ ଅନୁସାରେ ଗୁଣ କର :—

୧ । ୩୭୮ କୁ ୧୨×୮ ଦ୍ୱାରା
୨ । ୩୪୭୫ କୁ ୧୬×୧୨ ଦ୍ୱାରା
୩ । ୯୫୭୮ କୁ ୫ ଦ୍ୱାରା
୪ । ୮୭୭୮ କୁ ୨୫ ଦ୍ୱାରା
୫ । ୭୫୪୭ କୁ ୧୨୫ ଦ୍ୱାରା
୬ । ୭୮୮୨ କୁ ୯୯୯ ଦ୍ୱାରା
୭ । ୫୪୩୭ କୁ ୯୯୯୬ ଦ୍ୱାରା
୮ । ୯୯୮ କୁ ୧୬୪୬ ଦ୍ୱାରା ।

ଚତୁର୍ଥ ପରିଚ୍ଛେଦ—ଅଂଶ ।

୧ । କ ଓ ଖ ମଧ୍ୟରେ ୨୦ ଟଙ୍କା ଏପରି ଭାଗ କରିଦିଅ ଯେପରିକି କ ଠାରୁ ଖ ୨ ଟଙ୍କା ବେଶୀ ପାଇବ ।

ଖ କୁ ପ୍ରଥମେ ୨ ଟଙ୍କା ଦେଇ, ବାକି (୨୦—୨) ବା ୧୮ ଟଙ୍କାକୁ ସମାନ କରି ୨ ଭାଗକୁ ଦିଅ । ୧୮÷୨=୯, ସୁତରାଂ କ ପାଇବ ୯ ଟଙ୍କା ଏବଂ ଖ ପାଇବ (୯+୨) ବା ୧୧ ଟଙ୍କା ।

୨ ଉଦା । କ ଓ ଖ ମଧ୍ୟରେ ୩୬ ଟଙ୍କା ଏପରି ଭାଗ କରିଦିଅ ଯେପରିକି କ ର ଅଂଶ ଖ ର ଅଂଶର ଦ୍ୱିଗୁଣ ହେବ (ଅର୍ଥାତ୍ ଖ ୧ ଟଙ୍କା ପାଇଲେ କ ୨ ଟଙ୍କା ପାଇବ) ।

ଖ ୧ ଅଂଶ (ବା ଟଙ୍କା) ପାଇଲେ, କ ୨ ଅଂଶ (ବା ଟଙ୍କା) ପାଇବ, ସୁତରାଂ

ସମସ୍ତ ଟଙ୍କାକୁ ସମାନ (୧+୨) ବା ୩ ଭାଗ କରି ୧ ଭାଗ କ କୁ ଓ ୨ ଭାଗ ଖ କୁ ଦିଅ । ୩୬÷୩=୧୨ ; ସୁତରାଂ,

କ ର ଅଂଶ=୧୨ ଟଙ୍କା, ଖ ର ଅଂଶ=୨×୧୨ ବା ୨୪ ଟଙ୍କା ।

୫୨ ଉଦାହରଣମାଳା ।

୧ । କ, ଖ ମଧ୍ୟରେ ୪୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି କ ଠାରୁ ଖ ୧୦ ଟଙ୍କା ବେଶୀ ପାଇବ ।

୨ । ରାମ ଓ ଶ୍ୟାମ ମଧ୍ୟରେ ୭୫ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି ରାମ ୧ ଟଙ୍କା ପାଇଲେ ଶ୍ୟାମ ୨ ଟଙ୍କା ପାଇବ ।

୩ । କ ଓ ଖ ମଧ୍ୟରେ ୮୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି କ ର ଅଂଶ ଖ ର ଅଂଶର ୩ ଗୁଣ ହେବ ।

୪ । ହରି ଓ ଯଦୁ ମଧ୍ୟରେ ୧୦୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି ହରିର ଅଂଶ ଅପେକ୍ଷା ଯଦୁର ଅଂଶରେ ୨ ଟଙ୍କା ବେଶୀ ପଡ଼ିବ ।

୫ । କ ଓ ଖ ମଧ୍ୟରେ ୨୦୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି କ ୨ ଟଙ୍କା ପାଇଲେ ଖ ୩ ଟଙ୍କା ପାଇବ ।

୬ । କ, ଖ ଓ ଗ ମଧ୍ୟରେ ୫୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି କ ଓ ଖ ର ଅଂଶ ସମାନ ହେବ, କିନ୍ତୁ ଗ ର ଅଂଶ ୫ ଟଙ୍କା ବେଶୀ ହେବ ।

୭ । କ, ଖ ଓ ଗ ମଧ୍ୟରେ ୬୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି ଖ ର ଅଂଶ କ ର ଅଂଶର ଦ୍ୱିଗୁଣ ଏବଂ ଗ ର ଅଂଶ କର ଅଂଶର ୩ ଗୁଣ ହେବ ।

୮ । କ, ଖ ଓ ଗ ମଧ୍ୟରେ ୯୦ ଟଙ୍କା ଏପରି ବାଣ୍ଟିଦିଅ ଯେପରିକି କ ୨ ଟଙ୍କା ପାଇଲେ, ଖ ୩ ଟଙ୍କା ଏବଂ ଗ ୪ ଟଙ୍କା ପାଇବ ।

ଚତୁର୍ଥ ଅଧ୍ୟାୟ ।

ପ୍ରଥମ ପରିଚ୍ଛେଦ ।

ଗଣ୍ଡା ହିସାବରେ ଦ୍ରବ୍ୟଗଣନା ଏବଂ ପଧା, ଚଉଠ, ସଉଆ, ଦେଢ଼ା ପ୍ରଭୃତି ।

୧ ଉଦା । ୯ଟି ଖାଠି ନେଇ ୪ଟିରେ ଗୋଟିଏ ଗୋଟିଏ ବିଡ଼ା ବାନ୍ଧ, ଯେବେ ଏପରି ୧ ବିଡ଼ାରେ ଏକ ଗଣ୍ଡା ହୁଏ, ତେବେ କେତେ ଗଣ୍ଡା କେତୋଟି ଖାଠି ହେଲା ?

୪ଟି ରେ ଗୋଟିଏ ଗୋଟିଏ ବିଡ଼ା ବାନ୍ଧିଯାଅ, ଦେଖିବ ୯ଟି ଖାଠିରେ ୨ଟି ବିଡ଼ା ୧ ଗୋଟି ଅର୍ଥାତ୍ ୯ଟିରେ ୨ ଗଣ୍ଡା ୧ ଗୋଟି ହେବ ।

୨ ଉଦା । ପଧା, ଚଉଠ ଓ ତିନି ପା କାହାକୁ କହନ୍ତି, ବସ୍ତୁ ସାହାଯ୍ୟରେ ବୁଝାଇ ଦିଅ ଏବଂ ଅଙ୍କରେ ଲେଖିଦିଅ ।

ଗୋଟିଏ ପିଜୁଳି କିମ୍ବା ଅନ୍ୟ ଫଳ କାଟି ସମାନ ଦୁଇ ଭାଗରେ ବିଭକ୍ତ କର ।

୧ମ ଚିତ୍ର । ୨ୟ ଚିତ୍ର ।



ଏକ ଏକ ଭାଗରେ ହେଲା ଅଧ ଖଣ୍ଡେ ଫଳ (୧ମ ଚିତ୍ର) । ଫଳଟିକୁ ସମାନ ୪ ଭାଗ କଲେ, ଏକ ଏକ ଭାଗରେ ହେଲା ୧ ଚଉଠ (୨ୟ ଚିତ୍ର) । ଏହି ୪ ଚଉଠ ମଧ୍ୟରୁ ଏକ ଚଉଠ ଉଠାଇନିଅ (ମନେକର ୨ୟ ଚିତ୍ରର କଳା ଖଣ୍ଡଟି ନିଆଗଲା), ବାକି ୩ ଚଉଠରେ ହେଲା ତିନିପା (୨ୟ ଚିତ୍ର ଧଳା ୩ ଖଣ୍ଡ) ।

ପଧା ୳ ; ଚଉଠ ୲ ; ତିନି ପା ୴ ।

ଅନ୍ୟପ୍ରକାର :—ଏକ ଗଣ୍ଡା ଅର୍ଥାତ୍ ୪ଟି ଗୁଆ ନେଇ ସମାନ ୨ ଭାଗ କରି ରଖ, ଏକ ଏକ ଭାଗରେ ୨ଟି ବା ଅଧ ଗଣ୍ଡାଏ ପଡ଼ିବ ।

ଏକ ଘଣ୍ଟା ଗୁଆ ନେଇ ସମାନ ୪ ଭାଗ କରି ରଖ, ଏକ ଏକ ଭାଗରେ ୧ ପୋଟି ବା ଏକ ଚଉଠ ଘଣ୍ଟା ପଡ଼ିବ ।

ଏକ ଘଣ୍ଟା ଗୁଆରେ ୪ ଚଉଠ ଘଣ୍ଟା, ୧ ଚଉଠ ଘଣ୍ଟା (ବା ୧ ପୋଟି) ଉଠାଇ ନିଅ, ବର୍ତ୍ତମାନ ରହିଲା ୩ ଚଉଠ ଘଣ୍ଟା ବା ଏକ ଘଣ୍ଟାର ତିନ ପା ଅର୍ଥାତ୍ ତିନ ବଡ଼ା ।

୩ ଉଦା । ସଉଆ ଏକ, ଦେଢ଼ା ଓ ଅଢ଼େଇ କାହାକୁ କହନ୍ତି, ବସ୍ତୁ ସାହାଯ୍ୟରେ ବୁଝାଇଦିଅ ଏବଂ ଅଙ୍କରେ ଲେଖିଦିଅ ।

୧ ଘଣ୍ଟା , ସଉଆ ଘଣ୍ଟା ଦେଢ଼ ଘଣ୍ଟା



ଅଢ଼େଇ ଘଣ୍ଟା

୪ଟି ଗୁଆରେ ୧ ଘଣ୍ଟା (୧ମ ଚିତ୍ର); ୫ଟି ରେ "୧ ଘଣ୍ଟା ଆଉ ଚଉଠ ଘଣ୍ଟା" ବା ସଂକ୍ଷେପରେ "ସଉଆ ଘଣ୍ଟା" (୨ୟ ଚିତ୍ର); ୬ଟିରେ "୧ ଘଣ୍ଟା ଆଉ ଅଧ ଘଣ୍ଟା ବା ସଂକ୍ଷେପରେ "ଦେଢ଼ ଘଣ୍ଟା"; ୧୦ଟିରେ "୨ ଘଣ୍ଟା ଆଉ ଅଧ ଘଣ୍ଟା" ବା ସଂକ୍ଷେପରେ "ଅଢ଼େଇ ଘଣ୍ଟା" ।

ସଉଆ ଏକ ୧।; ଦେଢ଼ି ୧୲; ଅଢ଼େଇ ୨୲ ।

୪ ଉଦା । ସଉଆ ୩ ଘଣ୍ଟା ଓ ସାଢ଼େ ୩ ଘଣ୍ଟା କାହାକୁ କହନ୍ତି ବୁଝାଇଦିଅ ଏବଂ ଅଙ୍କରେ ଲେଖ ।

"ସଉଅ" ତିନ ଘଣ୍ଟା = "ଚଉଠ ଘଣ୍ଟା" ଆଉ ତିନ ଘଣ୍ଟା (୩।)
"ସାଢ଼େ" ,, = "ଅଧ ଘଣ୍ଟା" ,, ,, (୩୲)

୫୩ ଉଦାହରଣମାଳା ।

୧ । ଦଶୋଟି ଜାଠିର ଯୋଡ଼ିଏ ଧଡ଼ାରେ ୪ଟି ଜାଠିର କେତୋଟି ଧଡ଼ା ହେବ ଏବଂ ଆଉ କେତୋଟି ଜାଠି ବାକି ରହିବ ? ୧ ଦଶରେ କେତେ ଗଣ୍ଡା କେତୋଟି ? ଦଶୋଟି ପୁଅରେ କେତେ ଗଣ୍ଡା ?

୨ । ୧୮ଟି କଉଡ଼ି ନେଇ ୪ଟି ହାର ଯୋଡ଼ିଏ ୨ ଧାଡ଼ି କର, ଏହିପରି ବୁଝାଇଦିଅ ଯେ ୧୮ଟି ରେ ସାଢ଼େ ଚାରି ଗଣ୍ଡା ।

୩ । ଗଣ୍ଡାହାର ପ୍ରକାଶ କର :—୫ଟି, ୭ଟି, ୯ଟି, ୧୧ଟି, ୧୪ଟି ଓ ୧୬ଟି ।

୪ । ସାଢ଼େ ଛଅ ଗଣ୍ଡା ପୁଅରେ କେତୋଟି ପୁଅ ? "ସାଢ଼େ ତିନି ଗଣ୍ଡା" ପୁଅ କହିଲେ ଯେତେଗୁଡ଼ିଏ ବୁଝାଏ, ତାହାକୁ ସାଧାରଣତଃ କେତେ ଗଣ୍ଡା କହନ୍ତି ? "ସାଢ଼େ ଏକ ଗଣ୍ଡା"କୁ ସାଧାରଣତଃ କଅଣ କହନ୍ତି ?

୫ । ଘ ୩୯ ରେ କେତୋଟି ?

୬ । ଅଙ୍କରେ ଲେଖ :—ସଉଆ ତିନି, ସାଢ଼େ ୪, ସଉଆ ୪ ।

୭ । ସଉଆ ୩ କାହାକୁ କହନ୍ତି ? ବସ୍ତୁ ସାହାଯ୍ୟରେ ବୁଝାଇଦିଅ ଏବଂ ଅଙ୍କରେ ଲେଖ ।

ଦ୍ୱିତୀୟ ପରିଚ୍ଛେଦ ।

ଗଣ୍ଡା ଓ କଡ଼ା ଲିଖନ ଏବଂ କଡ଼ାକିଆ ।

କଡ଼ାକିଆ * ।

୲, ୳, ୴, ୧, ୧୲, ୧୳, ୧୴, ୨, ୨୲, ୨୳, ୨୴, ୩, ୩୲, ୩୳, ୩୴, ୪, ୪୲, ୪୳, ୪୴, ୫

ପଢ଼ିବାର ନିୟମ:—୧ କଡ଼ା, ୨ କଡ଼ା, ୩ କଡ଼ା, ୪ କଡ଼ାରେ ୧ ଗଣ୍ଡା, ୫ କଡ଼ାରେ ସଉଆ ଗଣ୍ଡା, ୬ କଡ଼ାରେ ଦେଢ଼ ଗଣ୍ଡା ଇତ୍ୟାଦି ।

୧ ଉଦା । ଅଙ୍କରେ ଲେଖ:—୧ ଗଣ୍ଡା, ସଉଆ ଗଣ୍ଡା ଓ ଦେଢ଼ ଗଣ୍ଡା ।

୧ ଗଣ୍ଡା=୧; ସଉଆ ଗଣ୍ଡା=୧୲; ଦେଢ଼ ଗଣ୍ଡା=୧୳

---

* କଡ଼ାକିଆ କଣ୍ଠସ୍ଥ କରିବାକୁ ହେବ ନାହିଁ । ୪ ଦ୍ୱାରା ଶୀଘ୍ର ଭାଗ କରିବା ଅଭ୍ୟାସ କଲେ କଡ଼ାକୁ ଗଣ୍ଡାରେ ପ୍ରକାଶ କରିପାରେ (ନିମ୍ନରେ ୨ ଉଦା. ଦେଖ)

୨ ଉଦା । ୧୪ ଘଡ଼ାରେ କେତେ ଘଣ୍ଟା ? ୧୪ ଦଣ୍ଡରେ କେତେ ?

୧୪ କୁ ୪ ଦ୍ୱାରା ମନେ ମନେ ଭାଗ କର । ୩ ଭାଗଫଳ ଓ ୨ଭାଗ ଶେଷ । ସୁତରାଂ ୧୪ ଘଡ଼ାରେ ୩ ଘଣ୍ଟା ୨ ଘଡ଼ା ବା ସାଢ଼େ ୩ ଘଣ୍ଟା ୩୴ ।

୩୪ ଉଦାହରଣମାଳା ।

୧ । ଅଙ୍କରେ ଲେଖ :—ଏକ, ଏକ ଘଣ୍ଟା ; ଏକ ଦଣ୍ଡ, ଦଣ୍ଡ ଘଣ୍ଟା ; ଏକ ଘଡ଼ା, ଦୁଇ ଘଡ଼ା, ତିନିଘଡ଼ା ; ଅଢ଼େଇ ଘଣ୍ଟା ଓ ସାଢ଼େ ତିନି ଘଣ୍ଟା ।

୨ । ୨୦ଟି ଗୁଅ ନେଇ ପୂର୍ବୋକ୍ତରୂପେ ଘଣ୍ଟା ହିସାବରେ ଗଣନା କରି ୨୦ ଘଡ଼ା ପର୍ଯ୍ୟନ୍ତ ଘଡ଼ାକିଆ ବୁଝାଇ ଦିଅ :—

୫ଟିରେ ୧। (ସଉଆ ଘଣ୍ଟା), ୭ଟିରେ ୧୴ ଇତ୍ୟାଦି (୨୦ଟିରେ ୫ ଘଣ୍ଟା) ।

୩ । ୮୦ଟି ଟୁଅ ବା କଉଡ଼ି ଘଣ୍ଟା ହିସାବରେ ଗଣନା କରି ୮୦ ଘଡ଼ା ପର୍ଯ୍ୟନ୍ତ ଘଡ଼ାକିଆ ବୁଝାଇଦିଅ ।

୪ । ୨୫ ଘଡ଼ାରେ କେତେ ଘଣ୍ଟା ? ୨୫ ଦଣ୍ଡରେ କେତେ ?

୫ । ୩୪ ଦଣ୍ଡରେ କେତେ ଦିନ ଲେଖ । ୩୪ ଘଡ଼ାରେ କେତେ ଘଣ୍ଟା ଲେଖ ।

୬ । ପଢ଼ିଯାଅ :—୴, ୧୳, ୩୴; ୫୴, ୬।, ୫୴, ୬। ।

୭ । କେତେ ଘଣ୍ଟା ହେବ କହ :—୩୭ ଘଡ଼ା, ୪୪ ଘଡ଼ା, ୫୮ ଘଡ଼ା ଓ ୬୭ ଘଡ଼ା ।

୮ । କେତେ ଘଣ୍ଟା ହେବ ଲେଖ :—୪୩ ଘଡ଼ା, ୬୩ ଘଡ଼ା, ୭୯ ଘଡ଼ା ।

୯ । କେତେ ଘଡ଼ା ହେବ କହ :—୨୴, ୩୳, ୪।, ୭୴, ୧୨୴ ଓ ୧୮। ।

୧୦ । ପଇସାକୁ ୧ ଗୋଟି ମାର୍ବଲ ହେଲେ, ୩୯ ପଇସାକୁ କେତେ ଘଣ୍ଟା ମାର୍ବଲ ମିଳିବ ?

୧୧ । ପଇସାକୁ ୪ଟି କଲ ମିଳିଲେ, ୪୨ କଲର ଦାମ କେତେ ପଇସା ?

୧୨ । ଗୋଟିଏ ମାର୍ବଲକୁ ଏକ ପଇସା ହେଲେ ସାଢ଼େ ୧୨ ଘଣ୍ଟା ମାର୍ବଲର ଦାମ କେତେ ?

୧୩ । ଗୋଟିଏ କୋଳିର ଦାମ ଛଦାମ ହେଲେ, ୭୦ଟି କୋଳିର ଦାମ କେତେ ?

୧୪ । ନବର ପାଖରେ ୧୯। ଓ ମଧିର ୭୫ଟି ମାର୍ବଲ ଅଛି; କାହାର ବେଶୀ ଅଛି ଏବଂ କେତୋଟି ବେଶୀ ?

ତୃତୀୟ ପରିଚ୍ଛେଦ ।

ସଉଆ, ଦେଢ଼ିଆ ଓ ଅଢ଼େଇଆ । *

	୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୬
୧୲	୧୲	୨୳	୩୴	୫	୬୲	୭୳	୮୴	୧୦	୧୧୲	୧୨୳	୧୩୴	୧୫	୨୦
୧୳	୧୳	୩	୪୳	୬	୭୳	୯	୧୦୳	୧୨	୧୩୳	୧୫	୧୬୳	୧୮	୨୪
୨୳	୨୳	୫	୭୳	୧୦	୧୨୳	୧୫	୧୭୳	୨୦	୨୨୳	୨୫	୨୭୳	୩୦	୪୦

ପଢ଼ିବାର ନିୟମ :—୧ ସଉଆରେ ସଉଆ; ୨ ସଉଆରେ ଅଢ଼େଇଅ ଇତ୍ୟାଦି; ୧ ଦେଢ଼ରେ ଦେଢ଼, ୨ ଦେଢ଼ରେ ୩, ୩ ଦେଢ଼ରେ ସାଢ଼େ ଚାରି ଇତ୍ୟାଦି; ୧ ଅଢ଼େଇରେ ଅଢ଼େଇ, ୨ ଅଢ଼େଇରେ ୫ ଇତ୍ୟାଦି ।

୧ ଉଦା । ୫ ସଉଆରେ କେତେ, ବସ୍ତୁ ସାହାଯ୍ୟରେ ବୁଝାଇଦିଅ ।

୫ ଧାଡ଼ି ଗୁଆ (ବା କଉଡ଼ି) ଏପରି ସଜାଇ ରଖ ଯେ ପ୍ରତ୍ୟେକ ଧାଡ଼ିରେ ସଉଆ ଗଣ୍ଡା ଅର୍ଥାତ୍ ୧ ଗଣ୍ଡା ୧ ଗୋଟି ରହିବ । ଏବେ ଦେଖିବ, ୫ ଧାଡ଼ିରେ ୫ ଗଣ୍ଡା ୫ଟି ଅର୍ଥାତ୍ ୬ ଗଣ୍ଡା ୧ ଗୋଟି ବା ସଉଆ ୬ ଗଣ୍ଡା ଅଛି ।

୨ ଉଦା । ୧୦ ସଉଆରେ କେତେ ?

୧ ଆଉ ୧ ପାଦିକା ମିଶି ସଉଆ ହୁଏ, ସୁତରାଂ ୧୦ ସଉଆରେ ୧୦ ଆଉ ୧୦ ପାଦିକା, କିନ୍ତୁ ୧୦ ପାଦିକାରେ ୨୳, ସୁତରାଂ ୧୦ ସଉଆରେ ୧୦ ଆଉ ୨୳ ମିଶି ୧୨୳ ହେଲା ।

ଉଦାହରଣମାଳା ।

ଗୁଆ ବା କଉଡ଼ି ସାହାଯ୍ୟରେ କେତେ ହେଉଅଛି ସ୍ଥିର କର :—

୧ । ୩ ସଉଆ   ୨ । ୯ ଦେଢ଼   ୩ । ୧୧ ଅଢ଼େଇ

କେତେ ହେଉଛି ମନେ ମନେ ଗଣି କହ :—

୪ । ୧୧ ସଉଆ   ୫ । ୧୩ ଦେଢ଼   ୬ । ୧୫ ଅଢ଼େଇ

୭ । ୧୲×୯   ୮ । ୧୳×୧୪   ୯ । ୨୳×୧୬ ।

---

* ଏଗୁଡ଼ିକ କଣ୍ଠସ୍ଥ କରିବାକୁ ହେବ ନାହିଁ । ପ୍ରଥମତଃ ବସ୍ତୁ ସାହାଯ୍ୟରେ ବୁଝିବାକୁ ହେବ (୧ ଉଦା ଦେଖ); ଦ୍ୱିତୀୟତଃ କଡ଼ାକିଆ ସାହାଯ୍ୟରେ ମାନସିକ ଗଣନାଦ୍ୱାରା ଫଳ ସ୍ଥିର କରିବାର ଅଭ୍ୟାସ କରିବାକୁ ହେବ (୨ ଉଦା ଦେଖ) ।

୧୦ । ପଇସାକୁ ଗ ୨। ଛଡ଼ୁ ହେଲେ ୧୦ ପଇସାକୁ କେତେ ଗଣ୍ଡା ମିଳିଯାଇବ ?

୧୧ । ପଇସାକୁ ଗ ୧୭ ଗୁଆ ହେଲେ, ୧୩ ପଇସାକୁ କେତେ ଗଣ୍ଡା ମିଳିଯାଇବ ?

୧୨ । ପଇସାକୁ ଗ ୨୭ କୋଳି ହେଲେ, ୧୬ ପଇସାକୁ କେତେ ଗଣ୍ଡା ମିଳିଯାଇବ ?

୧୩ । ୮ ପଇସାରେ ୧୦ ଗଣ୍ଡା ଛଡ଼ୁ ପାଇଲେ, ପଇସାକୁ କେତେ ଗଣ୍ଡା ପଡ଼ିଲା ?

୧୪ । ୯ ପଇସାରେ ଗ ୧୩୭ ହେଲେ, ପଇସାକୁ କେତେ ଗଣ୍ଡା ହେବ ?

୧୫ । ୧୦ ପଇସାରେ ୨୫ ଗଣ୍ଡା ହେଲେ, ପଇସାକୁ କେତେ ଗଣ୍ଡା ହେବ ?

୧୬ । ରାମ ପଇସାକୁ ଗ ୨। ହିସାବରେ ୧୧ ପଇସାର ଛଡ଼ୁ, ଶ୍ୟାମ ପଇସାକୁ ଗ ୧୭ ହିସାବରେ ୯ ପଇସାର ଛଡ଼ୁ ଏବଂ ମଧୁ ପଇସାକୁ ଗ ୨୧ ହିସାବରେ ୫ ପଇସାର ଛଡ଼ୁ ଖରଦ କଲେ । ରାମ ଅପେକ୍ଷା ଶ୍ୟାମ କେତୋଟି ବେଶୀ ବା କମ୍ ପାଇଲା ଏବଂ ଶ୍ୟାମ ଅପେକ୍ଷା ମଧୁ କେତୋଟି ବେଶୀ ବା କମ୍ ପାଇଲା ?

ପଞ୍ଚମ ଅଧ୍ୟାୟ ।

ପ୍ରଥମ ପରିଚ୍ଛେଦ । ଗଣ୍ଡା, କୋଡ଼ି, ପଣ ଓ କାହାଣ ।

ପ୍ରଥମ ପ୍ରକରଣ—ବସ୍ତୁ ସାହାଯ୍ୟରେ ଶିକ୍ଷା ।

୪ କଉଡ଼ାରେ	... ...	୧ ଗଣ୍ଡା (୧
୫ ଗଣ୍ଡାରେ	... ...	୧ କୋଡ଼ି (୫
୪ କୋଡ଼ି ବା ୨୦ ଗଣ୍ଡାରେ	...	୧ ପଣ /
୪ ପଣରେ	... ...	୧ ପଦକା ।
୧୬ ପଣ ବା ୪ ପଦକାରେ	...	୧ କାହାଣ ୧(

୫୬ ଉଦାହରଣମାଳା ।

୧ । ୪ ଗୋଟି ହିସାବରେ ଧାଡ଼ି କରି ବୁଝାଇଦିଅ ଯେ ୨୦ ଗୋଟି ଗୁଆରେ ୧ କୋଡ଼ି (୫) ।

ଗୁଆ ବା କଉଡ଼ି ସାହାଯ୍ୟରେ ସ୍ଥିର କର :—

୨ । (କ) ୪୦ ଟିରେ କେତେ କୋଡ଼ି ? (ଖ) ୬୦ ଟିରେ କେତେ କୋଡ଼ି ?

୩ । ୮୦ ଗୋଟି ଗୁଆ ନିଅ ଏବଂ ଏକ ଏକ ଗଣ୍ଡା ପୃଥକ୍‌ଭାବରେ ସଜାଇବାର ଦେଖାଇଦିଅ ଯେ ୮୦ ଟିରେ ୧ ପଣ ।

୪ । ୧୨୮୦ ଗୋଟି ଗୁଆ ନେଇ ୨୦ ଗଣ୍ଡା (ଅର୍ଥାତ୍ ୧ ପଣ) ହିସାବରେ ପୃଥକ୍ ପୃଥକ୍ ଗଦା କରି ରଖ । କେତୋଟି ଗଦା ହେଲା ଦେଖ ଏବଂ ଏହିରୂପେ ଦେଖାଅ ଯେ ୧୨୮୦ ଟିରେ ୧ କାହାଣ ।

ଗୁଆ ବା କଉଡ଼ି ସାହାଯ୍ୟରେ ସ୍ଥିର କର :—

୫ । ୪୨ ଟିରେ କେତେ ଗଣ୍ଡା ?   ୬ । ୮୦ ଟିରେ କେତେ କୋଡ଼ି କେତେ ପଣ ?

୭ । ୧୦୦ ଟିରେ କେତେ ପଣ କେତେ ଗଣ୍ଡା ?   ୮ । ୧୭୦ ଟିରେ କେତେ ପଣ କେତେ ଗଣ୍ଡା ?

୯ । ୨୦୨ ଟିରେ କେତେ ପଣ କେତେ ଗଣ୍ଡା ?

୧୦ । ୧୩୦୦ ଟିରେ କେତେ କାହାଣ କେତେ ପଣ କେତେ ଗଣ୍ଡା ?

କେତୋଟି ହେଉଅଛି ଗୁଆ ବା କଉଡ଼ି ସାହାଯ୍ୟରେ ସ୍ଥିର କର :—

୧୧ । ଦେଢ଼ କୋଡ଼ିରେ କେତୋଟି ?   ୧୨ । ୨ ପଣ ୩ ଗଣ୍ଡାରେ କେତୋଟି ?

୧୩ । ୧ କାହାଣ ୪ ପଣରେ କେତୋଟି ହୁଏ ?

ଦ୍ୱିତୀୟ ପ୍ରକରଣ—ଲିଖନ ଓ ଲଘୂକରଣ ।

ଗଣ୍ଡା ।

୧   ୨   ୩   ୪   ୫   ୬   ୭   ୮   ୯   ୧୦
୧୧   ୧୨   ୧୩   ୧୪   ୧୫   ୧୬   ୧୭   ୧୮   ୧୯   /

ପଣ ।

/   ৵   ৶   ।   ।/   ।৵   ।৶   ୩   ୩/   ୩৵
୩৶   ୪   ୪/   ୪৵   ୪৶   ୧(କାହାଣ ।

କୋଡ଼ି ।

ଏକ କୋଡ଼ି—(୫, ଦୁଇ କୋଡ଼ି—(୧୦, ତିନି କୋଡ଼ି—(୧୫, ଚାରି କୋଡ଼ି—/

ଏକ ପଦକା—କା ୦। ଦୁଇ ପଦକା—କା ୦୲ ତିନି ପଦକା—କା ୦୳ ଚାରି ପଦକା—କା ୧(

୧ ଉଦା । ଅଙ୍କରେ ଲେଖ:—(କ) ୨ କାହାଣ ୭ ପଣ ଦେଢ଼ ବୋଡ଼ି; (ଖ) କାହାଣ ସାଢ଼େ ଚାରି ଗଣ୍ଡା ।

(କ) ୨।୷୭୲ (ଖ) ୩(୪୲

୨ ଉଦା । (କ) ୨୩୭୧ ସୁଅଙ୍କୁ କାହାଣ, ପଣ ପ୍ରଭୃତିରେ ପ୍ରକାଶ କର ।

(ଖ) ୨।/୭୲ କଉଡ଼ିରେ କେତୋଟି କଉଡ଼ି ହେବ ?

(କ) ୪|୨୪୭୧

୨୦୭୪୨—୩ ପୋଖ

୧୬|୩୨—୨ ଗଣ୍ଡା

୨—କାହାଣ

୨ କାହାଣ ୨ ଗଣ୍ଡା ୩ ପୋଖ।

(ଖ) କା ୨।/୭୲ ଦୁଇ କଡ଼ା ?

୧୬

୩୨ ପଣ

୫

୩୭ ପଣ

୨୦

୭୪୦ ଗଣ୍ଡା

୭୲

୭୪୭୲

୪

୨୧୧୦ କଡ଼ା

୪୭ ଉଦାହରଣମାଳା ।୦

୧ । ୨୦ ଗଣ୍ଡାଠାରୁ ୪୦ ଗଣ୍ଡା ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ ।

୨ । ୧ ବୋଡ଼ିଠାରୁ ୭୪ ବୋଡ଼ି ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ

୩ । ୧ ପଦକାଠାରୁ ୧୦୦ ପଦକା ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ ।

୪ । ୪୦ ଗଣ୍ଡାଠାରୁ ୧୦୦ ଗଣ୍ଡା ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ ।

୫ । ୭୪ ବୋଡ଼ିଠାରୁ ୧୦୦ ବୋଡ଼ି ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ ।

୬ । ୧୬ ପଣଠାରୁ ୧୦୦ ପଣ ପର୍ଯ୍ୟନ୍ତ କ୍ରମଶଃ ଅଙ୍କରେ ଲେଖ ।

୭ । ପଢ଼ିଯାଅ:—(୭।, (୧୫୩, ।, ।୷, (୲, ୧।୨୲, ୨୫, ୲(। ।

୮ । ଅଙ୍କରେ ଲେଖ:—ସତର ଗଣ୍ଡା, ୫ ପଣ ଦଶ ଗଣ୍ଡା, ୨ କାହାଣ ୩ ବୋଡ଼ି ।

୯ । ନିମ୍ନ ରାଶିରେ ପରିବର୍ତ୍ତିତ କର ଏବଂ ଫଳ ଅଙ୍କରେ ଲେଖିଦିଅ :—

୧୭ କଡ଼ା, ୨୩ କଡ଼ା, ୨୭ ଗଣ୍ଡା, ୮୨ ଗଣ୍ଡା, ୧୫ ଗଣ୍ଡା, ୨୩ ପଣ, ୪୫ ପଣ, ୧୬ ପଉଟା, ୩୫ ପଉଟା ।

୧୦ । କହ ଦେଖି ବା ୦।/୭। କଡ଼ା ଗୁଆରେ କେତୋଟି ଗୁଆ ? ବା ୩ ।୵ ୮ ୩ରେ କେତୋଟି ?

୧୧ । ଗୁରୁର ବା ୫ ୵ ୭।, ନଗିର ବା ୭ /୪୩ ଏବଂ ଶଶୀର ବା ୭ ।/୨। କଉଡ଼ି ଅଛି । ଗୁରୁଅପେକ୍ଷା ନଗିର କେତେଗୋଟି ବେଶୀ ଏବଂ ନଗି ଅପେକ୍ଷା ଶଶୀର କେତେଗୋଟି ବେଶୀ ?

୧୨ । ଏକ ଲେମ୍ବୁବିକେତା କହୁଛି, "ମୋ ନିକଟରେ ବା ୨ ।୵ ୭ ୩ ଲେମ୍ବୁ ଅଛି", କହ ଦେଖି ତାହା ନିକଟରେ କେତେ ହଜାର କେତେ ଶ କେତେଗୋଟି ଲେମ୍ବୁ ଅଛି ?

୧୩ । ଗଣ୍ଡା, ପଣ ଇତ୍ୟାଦି ଆକାରରେ ପ୍ରକାଶ କର :—୩ଟି, ୧୭ଟି, ୪୮୮୨ଟି, ୭୪୫୭୭୨ଟି ।

୧୪ । ରାମର ୫୦୦୦ ଓ ଶ୍ୟାମର ବା ୪ ୵ ୫ ଗଣ୍ଡା କଉଡ଼ି ଅଛି: କାହାର ବେଶୀ ଏବଂ କେତୋଟି ବେଶୀ ?

୧୫ । ୧ କୋଡ଼ି ଗୁଆ ଏକଗୋଟି ଥଳିରେ ରଖାଯାଇପାରେ, ୨୦୦ ଗୁଆ ରଖିବା ନିମିତ୍ତ କେତେଗୋଟି ଥଳି ଦରକାର ହେବ ?

୧୬ । ବା ୧ ୵ ୭ ୩ ରସଗୋଲା ଗୋଟିଏ ଲେଖାଏଁ କେତେଗୋଟି ପିଲାଙ୍କୁ ବାଣ୍ଟିବ ?

୧୭ । ପ୍ରତ୍ୟେକ ଗଛରେ ବା ୦ / ୧୦ ଗଣ୍ଡା ଆମ୍ବ ଅଛି, କେତେଗୋଟି ଗଛରେ ବା ୧ ୩ ପଣ ଆମ୍ବ ଅଛି ?

ଦ୍ୱିତୀୟ ପରିଚ୍ଛେଦ—ମୁଦ୍ରା ।

ପ୍ରଥମ ପ୍ରକରଣ—ପ୍ରଚଳିତ ମୁଦ୍ରା (ବସ୍ତୁ ସାହାଯ୍ୟରେ ଶିକ୍ଷା) ।

[ଦ୍ରଷ୍ଟବ୍ୟ :—ଟଙ୍କା, ଅଧୁଲି, ସିକି ପ୍ରଭୃତି ମୁଦ୍ରାର ପରସ୍ପର ସମ୍ବନ୍ଧ ବୁଝାଇବା ନିମିତ୍ତ ପ୍ରତ୍ୟେକ ପାଠଶାଳାରେ ଏହିସବୁ ମୁଦ୍ରାର ଆକାରରେ କେତେଗୁଡ଼ିଏ ଭିନ୍ନ ଭିନ୍ନ ରଙ୍ଗର କାଠର ଚକି ରଖିବା ଆବଶ୍ୟକ । ଏହି ପ୍ରକାର ଚକିର ସାହାଯ୍ୟରେ ଏହି ପ୍ରକରଣର ଅଙ୍କଗୁଡ଼ିକ କଷିବାକୁ ହେବ ।]

୩ ପାହୁଲା ବା ୨ ଅଧଲାରେ	୧ ପଇସା	୨ ଦୁଆଣିରେ	୧ ସୁକି
୨ ପଇସାରେ	୧ ଡବଲ ପଇସା	୨ ସୁକିରେ	୧ ଅଧୁଲି
୪ ପଇସାରେ	୧ ଅଣା	୨ ଅଧୁଲିରେ	୧ ଟଙ୍କା
୮ ପଇସା ବା ୨ ଅଣାରେ	୧ ଦୁଆଣି	୧୫ ଟଙ୍କାରେ	୧ ମୋହର ବା ସଭରେନ୍
୧୬ ପଇସା ବା ୪ ଅଣାରେ	୧ ସୁକି	୩ ପଣ୍ଡା	= ୧ ପଇସା
୩୨ ପଇସା ବା ୮ ଅଣାରେ	୧ ଅଧୁଲି	୧୨ ପାହୁଲା ବା ୮ ଅଧଲା	= ୧ ଅଣା
୬୪ ପଇସା ବା ୧୬ ଅଣାରେ	୧ ଟଙ୍କା	୧୨୮ ଅଧଲା ବା ୧୯୨ ପାହୁଲା	= ୧ ଟଙ୍କା

ଦ୍ରଷ୍ଟବ୍ୟ:—ସଭରେନ୍‌କୁ ଏ ଦେଶରେ "ଗିନି" କହନ୍ତି; ଟ ୭ ୮ ଅଣାରେ ଏକ ଅର୍ଦ୍ଧଗିନି ।

୧ ଉଦା । ୬୪ଟି ପଇସାର ବଦଳରେ କେତେଗୋଟି ଅଣି ମିଳେ ?

୬୪ଟି ପଇସାର ଚିହ୍ନ କର । ପ୍ରତି ଚାରିଟି ପଇସାର ଚିହ୍ନ ବଦଳରେ ଗୋଟିଏ ଗୋଟିଏ ଅଣିର ଚିହ୍ନ କର, ୧୬ଟି ଅଣିର ଚିହ୍ନ ହେବ, ସୁତରାଂ ୬୪ଟି ପଇସାରେ ୧୬ଟି ଅଣି ମିଳିବ ।

୨ ଉଦା । ୧ ଗୋଟି ଟଙ୍କା, ୨ଟି ସୁକି ଓ ୩ଟି ଅଣିରେ ମୋଟରେ କେତେ ପଇସା ?

୧ ଗୋଟି ଟଙ୍କା (ଟଙ୍କାର ଚିହ୍ନ), ୨ଟି ସୁକି (ସୁକିର ଚିହ୍ନ) ଓ ୩ଟି ଅଣି (ଅଣିର ଚିହ୍ନ) କର । ପ୍ରଥମେ ଟଙ୍କାଟି ବଦଳାଇ ୪ଟି ସୁକି କର, ବର୍ତ୍ତମାନ ମୋଟରେ ୬ଟି ସୁକି ଓ ୩ଟି ଅଣି ହେଲା । ତତ୍ପରେ ପ୍ରତ୍ୟେକ ସୁକିର ବଦଳରେ ୪ଟି ଅଣି କର, ତାହା ହେଲେ ୪×୬ ବା ୨୪ଟି ଅଣି ଆଉ ୩ଟି ଅଣି ଏପରି ମୋଟରେ ୨୭ ଅଣି ହେଲା । ବର୍ତ୍ତମାନ ଗୋଟିଏ ଗୋଟିଏ ଅଣିର ବଦଳରେ ୪ଟି କରି ପଇସା କର, ତାହାହେଲେ ୨୭×୪ ବା ୧୦୮ଟି ପଇସା ହେବ ।

୬୮ ଉଦାହରଣମାଳା ।

(ନିମ୍ନଲିଖିତ ଅଙ୍କଗୁଡ଼ିକ ପାଠରେ ନକଲ ମୁଦ୍ରା ସାହାଯ୍ୟରେ କଷିବାକୁ ହେବ ।)

୧ । ଏକଗୋଟି ଅଧୁଲି ଓ ଆଉ କେତେଗୋଟି ସୁକି ଏକ ଟଙ୍କାର ସମାନ ?

୨ । ୧ ଗୋଟି ଅଧୁଲି ଭଙ୍ଗାଇଲେ କେତେଗୋଟି ସୁକି ମିଳିବ ? କେତେଗୋଟି ଦୋଅଣି ମିଳିବ ? କେତେଗୋଟି ଅଣି ମିଳିବ ?

୩ । ୧ ଗୋଟା ସୁକି ଭଙ୍ଗାଇଲେ କେତେଗୋଟି ଅଣି ପାଇପାରିବା ? କେତୋଟି ପଇସା ପାଇ ପାରିବା ? କେତୋଟି ଡବଲ ପଇସା ପାଇପାରିବା ?

୪ । ୧ ଗୋଟି ଦୋଅଣି ଭଙ୍ଗାଇଲେ କେତୋଟି ପଇସା, କେତୋଟି ଅଧଲା ଓ କେତୋଟି ପାହୁଲା ମିଳିବ ?

୫ । ୧ ଗୋଟି ଟଙ୍କା ଭଙ୍ଗାଇ ୧ ଗୋଟି ଅଧୁଲି, ୧ ଗୋଟି ସୁକି, ୧ ଗୋଟି ଦୋଅଣି, ୧ ଗୋଟି ଅଣି ଓ ଅଉ କେତେଗୋଟି ପଇସା ପାଇଲୁଁ । କହ ଦେଖି କେତେଗୋଟି ପଇସା ପାଇଲୁଁ ?

୬ । ୧ ଗୋଟି ଟଙ୍କା, ୧ ଗୋଟି ସୁକି ଓ ୨ ଗୋଟି ଅଣି କେତୋଟି ପଇସାର ସମାନ ?

୭ । ୨ ଗୋଟି ଟଙ୍କା ଓ ୧ ଗୋଟି ଅଧୁଲି କେତେଗୋଟି ଅଣିର ସମାନ ?

୮ । ୧ ଗୋଟି ଅଧୁଲି, ୨ଟି ଅଣି ଓ ୩ ଗୋଟି ପଇସା କେତୋଟି ପାହୁଲାର ସମାନ ?

୯ । ୫୦ ଗୋଟି ପଇସାର ବଦଳରେ କେତୋଟି ଅଣି ମିଳେ ଓ ଅଉ କେତୋଟି ପଇସା ରହେ ?

୧୦ । ୧୦୦ଟି ପଇସା ଦେଲେ ଊର୍ଦ୍ଧ୍ୱ ସଂଖ୍ୟାରେ କେତୋଟି ଟଙ୍କା ଏବଂ ଅଉ କେତୋଟି ଅଣି ମିଳିବ ?

୧୧ । ୧୫୦ଟି ପାହୁଲାରେ କେତେ ପଇସା ?

ଦ୍ୱିତୀୟ ପ୍ରକରଣ—ଟଙ୍କା, ଅଣା ପ୍ରଭୃତିର ଲେଖନ ଏବଂ ଲଘୁକରଣ ।

୧ କଡ଼ା = ୨ ପକ୍ଷ = ୩ କାନ୍ତ = ୪ ବେଦ = ୫ ବାଣ = ୬ ଋତୁ = ୭ ସମୁଦ୍ର = ୮ ବସୁ = ୯ ଅଙ୍କ = ୧୦ ଦିଗ = ୧୧ ରୁଦ୍ର = ୧୨ ସୂର୍ଯ୍ୟ = ୧୩ ଦାବ = ୧୪ ଭୁବନ = ୧୫ ତିଥି = ୧୬ କଳା = ୩୨ ଦାନ୍ତ = ୪୯ ପବନ = ୮୦ ଛଳ = ୬୪୦ ବରାଢ଼ି ।

୧ ଉଦା । ଅଙ୍କରେ ଲେଖ ;—ଏକ ଅଧଲା, ଦେଢ଼ ପଇସା, ଅଢ଼େଇ ପଇସା, ସାଢ଼େ ତିନ ପଇସା, ସାଢ଼େ ୪ ପଇସା, ଅଢ଼େଇ ଅଣା, ୨ ଟଙ୍କା ଅଧଲାଏ ଦୁଇ କଡ଼ା ଦୁଇ କାନ୍ତ, ୨ କଡ଼ା ୩ ବେଦ ୫ ଛଳ ଓ ୨ ଟଙ୍କା ୨ ଗଣ୍ଡା ୨ ଛଳ ।

ଏକ ଅଧଲା = ୫ ଗଣ୍ଡାର ଅଧେ = (୨୩; ୧ ଛଦାମ = (୧। ; ଦେଢ଼ ପଇସା = (୫ ଗଣ୍ଡା, ଅଉ ୫ ଗଣ୍ଡାର ଅର୍ଦ୍ଧ (୨୩, ଏପରି = (୬୩; ଅଢ଼େଇ ପଇସା = ଦୁଇ ପଇସା ((୧୦), ଅଉ ଏକ ଅଧଲା ((୨୩) = (୧୨୩; ସାଢ଼େ ତିନି ପଇସା ((୧୫) ଅଉ ଅଧଲାଏ ((୨୩) = (୧୭୩, ଦଶ ଛଦାମ = (୩୩; ଛଦାମ କମ୍ ଦୁଇ ପଇସା = (୮୩; ଛଦାମ କମ୍ ତିନି ପଇସା = (୧୩୩; ଛଦାମ କମ୍ ଚାରି ପଇସା = (୧୮୩; ସାଢ଼େ ଚାରି ପଇସା = ଏକ ଅଣା ଅଧଲାଏ ଟ ୦ /୨୩; ଅଢ଼େଇ ଅଣା = ଦୁଇ ଅଣା ଦୁଇ ପଇସା ଟ ୦୬/୧୦; ୨ ଟଙ୍କା ଅଧଲାଏ = ଟ ୨(୨୩; ୨ କଡ଼ା ୨ କାନ୍ତ = ଟା ୦ (୩୨ କାନ୍ତ; ୨ କଡ଼ା ୩ ବେଦ ୫ ଛଳ = ଟା ୦((୩ ୩ ବେଦ ୫ ଛଳ; ୨ ଟଙ୍କା ୨ ଗଣ୍ଡା ୨ ଛଳ = ଟ ୨ (୨ (୨ ଛଳ ।

୨ ଉଦା । ୧୦୦ ପଇସାରେ କେତେ ଟଙ୍କା କେତେ ଅଣା ? ୧୦୦ ପାହୁଲାରେ କେତେ ଅଣା କେତେ ପାହୁଲା ?

୪ | ୧୦୦ ପଇସା

୧୬ | ୨୫ ଅଣା

୧ ଟଙ୍କା ...୯ ଅଣା (ଟ ୧୩/)

୧୨ | ୧୦୦ ପାହୁଲା

୮ ଅଣା...୪ ପାହୁଲା (ଟ ୦୩୪ ପାହୁଲା)

୩ ଉଦା । ପଇସାକୁ ୨ଟି ବଦଲୀ ହେଲେ ଟ ୧।/୬୩ କଡ଼ାରେ କେତୋଟି ବଦଲୀ ମିଳି ପାରିବ ?

ଟ ୧।/୬୩
୧୬
―――
୧୬ + ୫ = ୨୧ ଅଣା
୪
―――
୮୪ ପଇସା
୨
―――
୧୬୮ ଅଧଲା
୩...((୬ସ)
―――
୧୭୧ ଅଧଲା

ପଇସାକୁ ୨ଟି, ସୁତରାଂ ଗୋଟି-କର ଦାମ ୧ ଅଧଲା; ବର୍ତ୍ତମାନ ଦେଖା-ଯାଉ ଟ ୧।/୬୩ କଡ଼ାରେ କେତେ ଅଧଲା ହେଉଅଛି; ଯେତେ ଅଧଲା ସେ-ତେଗୋଟି ବଦଲୀ ମିଳିବ ।

ଟ ୧।/ ଅଣାରେ ୧୬୮ ଅଧଲା, ଦେଢ଼ ପଇସାରେ ୩ ଅଧଲା, ସୁତରାଂ ମୋଟ ୧୭୧ ଅଧଲା ।

ଅତଏବ ୧୭୧ ଗୋଟି ବଦଲୀ ମିଳି ପାରିବ ।

୫୯ ଉଦାହରଣମାଳା ।

୧ । ପଢ଼ିଯାଅ:—୩।/୬୩, ୭।୨୩, ୩(୬୩, ୧୦୩୧୬୩, ।/୭ ପାହୁଲା, (।/, ୩୬/୩, ୩(୩(୩ ଛଳ, ୧।/୨ ଗଣ୍ଡା, (୧।୨ କାନ୍ତ ।

୨ । ଅଙ୍କରେ ଲେଖ :—୩ ଟଙ୍କା ୫ ପଇସା; ୬ ଟଙ୍କା ଅଢ଼ାଇ ଅଣା; ୪ ଟଙ୍କା ୫ ପାହୁ; ୪ ଅଣା ୨ ଗଣ୍ଡା ତିନି କଉଡ଼ା ଏକ କାନ୍ତ; ଏକ କଡ଼ା ୩ ବେଦ ୫ ତିଲ; ୬ ଟଙ୍କା ୭ ଗଣ୍ଡା ୭ ତିଲ ।

୩ । ପୂର୍ବ ପ୍ରକରଣର ୬ ଠାରୁ ୧୧ ନମ୍ବର ପର୍ଯ୍ୟନ୍ତ ଅଙ୍କ (ଯାହାକୁ ପୂର୍ବେ କାଠିର ନକଲ ମୁଦ୍ରା ସାହାଯ୍ୟରେ କଷିଅଛ) କାଗଜରେ ବା ସ୍ଲେଟ୍‌ରେ ଲେଖି ପୁଣି ଥରେ କଷ ।

୪ । ୧୫ ଟଙ୍କାରେ କେତେ ପଇସା ?   ୫ । ୩୫ ଟଙ୍କାରେ କେତେ ପାହୁଲା ?

୬ । ପଇସାରେ ପରିବର୍ତ୍ତିତ କର:—୫୯/୫, ୧୦୯, ୧୩(୫ ଓ ୧୩୯/ ।

୭ । ପାହୁଲାରେ ପରିବର୍ତ୍ତିତ କର:—୩(୭, ୧୦।/୩ ପାହୁଲା ।

୮ । ୩।/୬। କଉଡ଼ାରେ କେତେ କଉଡ଼ା ?   ୯ । ୫।୶ ୫ ଗଣ୍ଡାରେ କେତେ ଗଣ୍ଡା ?

ଟଙ୍କା, ଅଣା ପ୍ରଭୃତିରେ ପ୍ରକାଶ କର :—

୧୦ । ୫୦୦ ଅଣା ।   ୧୧ । ୧୬୨୮ ଗଣ୍ଡା ।   ୧୨ । ୪୦୦ ପାହୁଲା ।

୧୩ । ୧୩୨୫ କଉଡ଼ା ।   ୧୪ । ୧୨୩୪୫ ଅଧଲା ।   ୧୫ । ୬୪୮୬ ପଇସା ।

୧୬ । ଗୋଟିଏ ଲେମ୍ବୁର ମୂଲ୍ୟ ୧ ପଇସା; ଟ ୨୯୶/୧୫ ରେ କେତୋଟି ମିଳିବ ?

୧୭ । ପଇସାକୁ ୩ଟି ହିରୁ ହେଲେ ଟ ୫।୶/୫ ପାହୁଲାରେ କେତୋଟି ମିଳିବ ?

୧୮ । ପଇସାକୁ ୪ଟି ଗୁଆ : ଟ ୭୯୶/୪ ଗଣ୍ଡାରେ କେତୋଟି ମିଳି ପାରିବ ?

୧୯ । ଗୋଟିଏ ରସଗୋଲାର ମୂଲ୍ୟ ଟ ୦/; ଟ ୨୫୯୶ ଅଣାରେ କେତୋଟି ମିଳିବ ?

୨୦ । ଚିନି ଟଙ୍କାରେ ୪ ସେର; ଟ ୩୨୯ ଅଣାରେ କେତେ ସେର ମିଳିବ ?

୨୧ । କୋଡ଼ିକର ମୂଲ୍ୟ ଟ ୦/ ହେଲେ ଟ ୭।/୪ ଗଣ୍ଡାରେ କେତେଗୋଟି ମିଳିବ ?

୨୨ । ଜାମୁକୋଳିର କୋଡ଼ି ୧ ପଇସା ହେଲେ କେତୋଟି ଜାମୁର ମୂଲ୍ୟ ଟ ୩।୧୬୯ ?

୨୩ । ଗୋଟିଏ କମଳାର ଦାମ ୨ ପଇସା, ୫୦୦ କମଳାର ଦାମ କେତେ ?

୨୪ । ଗୋଟିଏ ଡାଳିମ୍ବର ଦାମ ୯ ପଇସା, ୧୦୦ ଟିର ଦାମ କେତେ ?

୨୫ । ଗୋଟିଏ ସନ୍ଦେଶର ମୂଲ୍ୟ ଟ ୦/୧୦ ହେଲେ ଏରୂପ ୪୦ ଟିର ମୂଲ୍ୟ କେତେ ?

୨୬ । ପଇସାରେ ୩ଟି କଦଳୀ, ୫୬୬୪ ଟିର ମୂଲ୍ୟ ଯାହା ହେବ ତାହା ଅଙ୍କରେ ଲେଖ ।

୨୭ । ଏକ ପଇସାରେ ୫ଟି କୋଳି ମିଳିଲେ ୩୬୭୨ଟି କୋଳିର ଦାମ କେତେ ?

୨୮ । ଗୋଟିଏ ସନ୍ଦେଶର ମୂଲ୍ୟ ଟ ୦/, ୧୦୦୦ଟି ସନ୍ଦେଶର ମୂଲ୍ୟ କେତେ ?

୨୯ । ୨୦ଟି କାମୁରଙ୍ଗର ମୂଲ୍ୟ (୩ (୧ ପଇସା) ହେଲେ, ୫୪୬୫ଟିର ମୂଲ୍ୟ କେତେ ?

୩୦ । କାଗଜି ଲେମ୍ବୁ ଅଣାରେ ୩ ଗଣ୍ଡା ହେଲେ ୭୬୪୮ଟିର ଦାମ କେତେ ?

୩୧ । ଅବନୀର ୧୩୧ ପଇସା ଅଛି, ରମଣୀର ୮ଟି ସୂକ ଓ ୧ ଗୋଟି ଅଣି, ରଜନୀର ୪ଟି ଅଧୁଲି ଓ ୧ ଗୋଟି ଦୋଅଣି ଏବଂ ସଜନୀର ୫ ୨ / ୩ (ପଇସା) ଅଛି । ଅବନୀ ଅପେକ୍ଷା ରମଣୀର ଓ ରଜନୀର ଏବଂ ରଜନୀ ଅପେକ୍ଷା ସଜନୀର କେତେ ପଇସା ବେଶୀ ବା କମ ଅଛି ?

ତୃତୀୟ ପରିଚ୍ଛେଦ—ବଜାର ଓଜନ ।

ପ୍ରଥମ ପ୍ରକରଣ—ବସ୍ତୁ ସାହାଯ୍ୟରେ ଶିକ୍ଷା ।

୪ ପୋଏ ବା ୫ ତୋଲାରେ	... ୧ ଛଟାକି	୪ ପାଆ ବା ୧୬ ଛଟାକିରେ	୧ ସେର
		୫ ସେରରେ ...	୧ ପସୁରି
୪ ଛଟାକିରେ ...	... ୧ ପାଆ ।	୪୦ ସେର ବା ୮ ପସୁରିରେ	୧ ମହଣ

କଟକୀ ୧ ସେର=(୧୦୫ ଟି ଟଙ୍କାର ଓଜନ ସଙ୍ଗେ ସମାନ) ୧୦୫ ତୋଳା

∴ କଟକୀ ୧ ଛଟାକି=୬ ଟ ୧ ଅଣା

କାଲେକ୍ଟରୀ ୧ ସେର=(୮୦ ଟି ଟଙ୍କାର ଓଜନ ସଙ୍ଗେ ସମାନ) ୮୦ ତୋଳା

∴ କାଲେକ୍ଟରୀ ୧ ଛ=୫ ତୋଳା ବା ୫ ଟଙ୍କା ।

୧ ସେର=୮୦ ତୋଳା (୮୦ଟି ଟଙ୍କାର ଓଜନ ସଙ୍ଗେ ସମାନ), କଚା ସେର ୬୦ ତୋଳା ।

[ଦ୍ରଷ୍ଟବ୍ୟ:—ପ୍ରତ୍ୟେକ ପାଠଶାଳାରେ ଗୋଟିଏ ଦଣ୍ଡି ତରାଜୁ ଓ ସେର, ଛଟାକି ପ୍ରଭୃତି ବଟଖରା ରହିବ । ଛାତ୍ରଗଣ ନାନାଦ୍ରବ୍ୟ ଓଜନ କରି ସେର ଛଟାକିର ପରସ୍ପର ସମ୍ବନ୍ଧ ସ୍ଥିର କରିବେ ଏବଂ ସ୍ଥୂଳ ଲଘୁକରଣ ଅଙ୍କର ଫଳ ସ୍ଥିର କରିବେ ।]

୧ ଉଦା । ୩୬ ଛଟାକିରେ କେତେ ସେର, ପାଆ ଓ ଛଟାକି ?

ଏକାଏ ଛଟାକି ଚାଉଳ, ଡାଲି ବା ବାଲି ପୃଥକ୍ ପୃଥକ୍ ଓଜନ କରି ଗୋଟିଏ କାଗଜର ପୁଡ଼ିଆ ବାନ୍ଧ, ଏହିରୂପ ୩୬ଟି ଛଟାକିର ପୁଡ଼ିଆ କର । ବର୍ତ୍ତମାନ ୪ଟି ପୁଡ଼ିଆର ଦ୍ରବ୍ୟ ଏକତ୍ର ଓଜନ କର, ଦେଖିବ ଓଜନ ୧ ପାଆ ହେଲା । ତହିଁରେ ୪ଟି ଲେଖାଏଁ ଛଟାକି ପୁଡ଼ିଆର ଦ୍ରବ୍ୟ ଏକତ୍ର କରି କେତେଗୁଡ଼ିଏ ପାଆକିଆ ପୁଡ଼ିଆ ପ୍ରସ୍ତୁତ କର । ୩୬ ମଧ୍ୟରେ ୯ ଥର ଅଛି, ସୁତରାଂ ୯ଟି ପାଆକିଆ ପୁଡ଼ିଆ ହେବ ଏବଂ

୧ ଗୋଟି ଛଟାକିର ପୁଡ଼ିଆ ବାକି ରହିବ । ବର୍ତ୍ତମାନ, ୪ଟି ପାଅକିଆ ପୁଡ଼ିଆର ଦ୍ରବ୍ୟ ଏକତ୍ର କରି ଓଜନ କଲେ ଦେଖିବ ଓଜନ ୧ ସେର । ଅତଏବ ୪ଟି ପାଅକିଆ ପୁଡ଼ିଆର ଦ୍ରବ୍ୟ ଏକତ୍ର କରି ସେରକିଆ ପୁଡ଼ିଆ ପ୍ରସ୍ତୁତ କର । ୯ଟି ପାଅକିଆ ପୁଡ଼ିଆରେ ପୂର୍ବରୂପେ ୨ଟି ସେରକିଆ ପୁଡ଼ିଆ ହେବ ଏବ ୧ ଗୋଟି ପୁଡ଼ିଆ ବାକି ରହିବ । ଅତଏବ ୩୭ ଛଟାକିରେ ୨ ସେର ୧ ପାଅ ୧ ଛଟାକି ହେଲା ।

୨ ଉଦା । ୨ ସେର ୩ ପାଅ ୨ ଛଟାକିରେ କେତେ ଛଟାକି ?

ଡାଲି ବା ବାଲି ଓଜନ କରି ୨ଟି ସେରକିଆ ପୁଡ଼ିଆ, ୩ଟି ପାଅକିଆ ପୁଡ଼ିଆ ଓ ୨ଟି ଛଟାକି ପୁଡ଼ିଆ ପ୍ରସ୍ତୁତ କର । ବର୍ତ୍ତମାନ ପ୍ରତ୍ୟେକ ସେରକିଆ ପୁଡ଼ିଆରୁ ୪ଟି ପାଅକିଆ ପୁଡ଼ିଆ କର, ତାହାହେଲେ ମୋଟ (୨×୪+୩) ବା ୧୧ଟି ପାଅକିଆ ପୁଡ଼ିଆ ହେବ । ପ୍ରତ୍ୟେକ ପାଅକିଆ ପୁଡ଼ିଆରୁ ୪ଟି ଛଟାକିର ପୁଡ଼ିଆ କର, ଏବେ ମୋଟରେ (୧୧×୪+୨) ବା ୪୬ଟି ଛଟାକିର ପୁଡ଼ିଆ ହେବ । ଅତଏବ, ୨ ସେର ୩ ପାଅ ୨ ଛଟାକିରେ ୪୬ ଛଟାକି ।

୬୦ ଉଦାହରଣମାଳା ।

(ନିମ୍ନଲିଖିତ ଅଙ୍କଗୁଡ଼ିକ ଦଣ୍ଡି ତରାଜୁ ସାହାଯ୍ୟରେ କଷିବାକୁ ହେବ ।)

୧ । ଓଜନ କରି ୧ ସେର ଡାଲି ପୃଥକ୍ କର, ଏବେ ଏକ ଏକ ଛଟାକି କରି ଏହି ଡାଲି ଓଜନ କରି ଦେଖାଅ ଯେ ୧ ସେରରେ ୧୬ ଛଟାକି ।

୨ । ଗୋଟିଏ ଟଙ୍କାର ଓଜନ ଏକ ତୋଳା, ୫ଟି ଟଙ୍କା ଓଜନ କରି ଦେଖାଅ ଯେ ୫ ତୋଳାରେ ୧ ଛଟାକି ।

୩ । ୧ ସେର କେତେ ତୋଳା ଓଜନ କରି ସ୍ଥିର କର ।

୪ । ୨୯ କାଞ୍ଚ୍ କେତେ ପାଅ, ଛଟାକି ଓ କାଞ୍ଚ୍ ?

୫ । ୧୦୦ ତୋଳାରେ ବାଲେଶ୍ୱରୀ କେତେ ସେର କେତେ ଛଟାକି ?

୬ । ୩୯ ଛଟାକିରେ କେତେ ସେର, ପାଅ ଓ ଛଟାକି ?

୭ । ୧୦ ସେରରେ କେତେ ପଶୁରି ? କେତେ ପାଅ ?

୮ । ୨ ପାଅ ୧ ଛଟାକିରେ କେତେ ଛଟାକି, କେତେ କାଞ୍ଚ୍ ?

୯ । ୨ ସେର ୧ ପାଅ ୩ ଛଟାକିରେ କେତେ ଛଟାକି ?

୧୦ । ୧ ସେର ୬ ଛଟାକିରେ ବାଲେଶ୍ୱରୀ କେତେ ତୋଳା ?

୧୧ । କଟକୀ ୧ ସେର ୪ ଛଟାକିରେ କେତେ ଟଙ୍କା ଓଜନ ?

୧୨ । ୧୪୪ ଟଙ୍କା ୬ ପଣ ଓଜନକୁ କଟକୀ ସେର, ଛଟାକି ପ୍ରଭୃତିରେ ପ୍ରକାଶ କର ।

ତୃତୀୟ ପ୍ରକରଣ—ଗୁଣନ ଓ ଲଘୂକରଣ ।

୫ ଗଣ୍ଡାରେ ... ୧ କାଁପ | କାଁପ (କୋଡ଼ିଏର) ।
୨୩ ଗଣ୍ଡାରେ ... ଅର୍ଦ୍ଧ କାଁପ | (୫ (୧୦ (୧୫ /

ଛଟାକି (ପଣପର) ।

ସେ ୦୵ ୶ ୷ ୲ ୲୵ ୲୶ ୲୷ ୳ ୳୵ ୳୶ ୳୷ ୴
୴୵ ୴୶ ୴୷ ସେ ୧(ର

ସେ ୧(ସେ ୨(ସେ ୩(ସେ ୪(ସେ ୫(ସେ ୬(ସେ ୭(ସେ ୮(
ସେ ୯(ସେ ୧୦ ସେ ୧୧ ସେ ୧୨ ସେ ୧୩ ସେ ୧୪ ସେ ୧୫ ସେ ୧୬
ସେ ୧୭ ସେ ୧୮ ସେ ୧୯ ସେ ୨୦ ସେ ୨୧ ସେ ୨୨ ସେ ୨୩ ସେ ୨୪
ସେ ୨୫ ସେ ୨୬ ସେ ୨୭ ସେ ୨୮ ସେ ୨୯ ସେ ୩୦ ସେ ୩୧ ସେ ୩୨
ସେ ୩୩ ସେ ୩୪ ସେ ୩୫ ସେ ୩୬ ସେ ୩୭ ସେ ୩୮ ସେ ୩୯ ସେ ୪୦
ବା ୧ ମହଣ ।

ଟାଏ	ପଶୁର ।
ସେ ୦। ସେ ୦୳ ସେ ୦୴ ସେ ୧(	ସେ ୫ ରରେ ୧ ପଶୁର
	ସେ ୧୦ ରରେ ୨ ପଶୁର
	ସେ ୧୫ ରରେ ୩ ପଶୁର
	ସେ ୨୦ ରରେ ୪ ପଶୁର ଇତ୍ୟାଦି ।

୧ ଉଦା । ଲେଖ:—୩ ପାଏ, ୩୦ ସେର, ୨ ମହଣ ୧୨ ସେର ୧ କାଁପ ଏବଂ ସତର ଦଶ ସେର ଅଢ଼େଇ କାଁପ ।

୩ ପାଏ=ସେ ୦୴; ୩୦ ସେର=ସେ ୩୦(; ୨ ମ. ୧୨ ସେ. ୧ କା;= ମ ୨।୧୨(୫ ଗଣ୍ଡା ; ସତର ଦଶ ସେର ଅଢ଼େଇ କାଁପ=ସେ ୧୦।୧୨୩ ଗଣ୍ଡା ।

୨ ଉଦା । ୩୭ ଛଟାକିରେ କେତେ ସେର, ପାଏ ଓ ଛଟାକି ? (ପୂର୍ବ ପ୍ରକରଣରେ ଏହି ପ୍ରକାର ବହୁ ସାହାଯ୍ୟରେ କଷା ହୋଇଅଛି ।)

୪ | ୩୭ ଛଟାକି
୪ | ୯ ପାଏ ୧ ଛଟାକି
୨ ସେର ୧ ପାଏ,
ଅତଏବ ୩୭ ଛ=୨ ସେ. ୧ ପା. ୧ ଛଟାକି=ସେ ୨।୵ ଛଟାକି ।

୩ ଉଦା । ସେ ୨।୷୵ ଛଟାଙ୍କିରେ କେତେ ଛଟାଙ୍କି (ପୂର୍ବ ପ୍ରକରଣର ୨ ଉଦା)

ସେ ୨।୷୵	୨ ସେରକୁ ୪ ଦ୍ୱାରା ଗୁଣ କରି ଗୁଣଫଳ ସହିତ ୩ ପା ମନେ ମନେ ଯୋଗ କରିବାରୁ ୧୧ ପା ହେଲା । ୧୧ ପାଅକୁ ୪ ଦେଇ ଗୁଣ କରି ୨ ଛଟାଙ୍କି ମନେ ମନେ ଯୋଗ କରାଗଲା ।
୪	
୧୧ ପାଅ	
୪	
୪୬ ଛଟାଙ୍କି	

୨୯ ଉଦାହରଣମାଳା ।

୧ । ୪୦ ସେରଠାରୁ ୧୦୦ ସେର ପର୍ଯ୍ୟନ୍ତ କ୍ରମଶଃ ଲେଖ ।

୨ । ପଢ଼ ଦେଖି:—ସେ ୫୵, ମ ୩(, ମ ୩।୧୦, ସେ ୭।, ସେ ୨୦୩, ମ ୨।୩୩୵୧୭ ।

୩ । ଅଙ୍କରେ ଲେଖ:—ଅଢ଼ାଇ ଛଟାଙ୍କି, ସାଢ଼େ ଛଅ ସେର, ୨ ମହଣ ୧୩ ସେର ସାଢ଼େ ଛଅ ଛଟାଙ୍କି, ୩ ଛଟାଙ୍କି ଅଢ଼େଇ କାଚ୍ଚା ।

୪ । ମ ୩।୫।୵୫ କୁ କାଚ୍ଚାରେ ପରିବର୍ତ୍ତିତ କର ।

୫ । ମହଣ ସେର ପ୍ରଭୃତି ଦ୍ୱାରା ପ୍ରକାଶ କର:—୧୭୨୫ କାଚ୍ଚା, ୧୩୨୨ ଛଟାଙ୍କି, ୫୦୦୦ ତୋଳା ।

୬ । ଗୋଟିଏ ଗୋଟିଏ ସନ୍ଦେଶର ଓଜନ ଦେଢ଼ ଛଟାଙ୍କି, କେତୋଟିର ଓଜନ ସେ ୧୩ ଛଟାଙ୍କି ହେବ ?

୭ । ଗୋଟିଏ ଗୋଟିଏ ରସଗୋଲାର ଓଜନ ଅଢ଼େଇ କାଚ୍ଚା ହେଲେ କେତୋଟିର ଓଜନ ସେ ୨୩ ?

୮ । କେତେ ଟଙ୍କାର ଓଜନ ସେ ୭୩୵ ଛଟାଙ୍କିର ସମାନ ? କେତୋଟି ସୁକିର ଓଜନ ସେ ୦।୵୫ ତୋଳା ?

୯ । ୫ଟି ଟଙ୍କାର ଓଜନ ୧ କାଚ୍ଚା, କେତୋଟିର ଓଜନ ସେ ୫।୷୪ ପଣ୍ଡା ?

୧୦ । ୧୬ଟି କ୍ଷୀରମୋହନର ଓଜନ ୧ ସେର; କେତୋଟିର ଓଜନ ସେ ୩୨।୵ ଛଟାଙ୍କି ?

୧୧ । ୬୪୦ ଟି ସନ୍ଦେଶର ଓଜନ ୧ ମହଣ; କେତୋଟିର ଓଜନ ମ ୩।୩। ଛଟାଙ୍କି ?

୧୨ । ୧୨୧ ଟିର ଓଜନ ୨ ସେର ହେଲେ କେତୋଟିର ଓଜନ ସେ ୫।୷୵ ?

୧୩ । ଗୋଟିଏ ସନ୍ଦେଶର ଓଜନ ୧ ଛଟାଙ୍କି, ୩୫୨୦ ଟିର ଓଜନ କେତେ ?

୧୪ । ଏକ ଗୋଟିର ଓଜନ ୧ ଚାଉଳ, ୫୬୬୨୫ଟିର ଓଜନ କେତେ ପଲରେ ଲେଖ ।

୧୫ । ୧୫୪୨୫ ଟଙ୍କାର ଓଜନ କେତେ ? ୫୬୬୨୬ଟି ସୁକିର ଓଜନ ମଧ୍ୟ କେତେ ?

୧୬ । ୧୬ ଟାର ଓଜନ ୧ ପାଏ, ୩୫୬୬୨୧ ଟାର ଓଜନ କେତେ ?

୧୭ । ୬୪୦ ଟା ସନ୍ଦେଶର ଓଜନ ୧ ମହଣ, ୧୨୨୮ ଟାର ଓଜନ କେତେ ?

ଚତୁର୍ଥ ପରିଚ୍ଛେଦ—ସୁନା ରୂପାର ଓଜନ ।

୪ ସର୍ଷପ	...	୧ ଧାନ
୪ ଧାନ	...	୧ ରତି
୮ ରତି	...	୧ ମଷା
୧୦ ମଷା	...	୧ ଭରି ବା ୧ ତୋଳା
୧ ଅଣା	...	୫ ରତି
୧୬ ଅଣା ବା ୮୦ ରତି	...	୧ ଭରି

ମନ୍ତବ୍ୟ:—୧ ଟଙ୍କା ବା ୨ ଅଧୁଲି ବା ୪ ସୁକି ବା ୮ ଦୋଅଣିର ଓଜନ ୧ ଭରି । ଗୋଟିଏ କାଇଁଚର ଓଜନ ୧ ରତି ।

୧ ଉଦା । /୩ ଲେଖିଲେ କଣ କଣ ବୁଝାଇପାରେ ?

/୩ ରେ ୧ ଅଣା ୩ ପାହି, ୧ ଅଣା ୩ ଗଣ୍ଡା, ୧ ପଣ ୩ ଗଣ୍ଡା ୧ ଅଣା ୩ ରତି ବୁଝାଇପାରେ ।

୨ ଉଦା—ବଣିଆ ନିଜ ବଟକରେ ୩ ଭରି ୩ ମଷା ୬ ରତି ଓଜନ କରି ଦେଇ-ଅଛି ; ଏହି ଟଙ୍କା, ଅଧୁଲି, ସୁକି ଓ ଦୋଅଣି ପ୍ରଭୃତିରେ ଓଜନ କରି ଦେଖ କେତେ ହେବ—

୩ ଭରି = ୩ ଟଙ୍କା ।

ମଷା—ରତି
୩ — ୬
୮
―――
୨୪ ରତି
୬
―――
୩୦ ରତି ଓଜନ

୫) ୩୦ ରତି (୬ ଅଣା
୩୦
―――

୬ ଅଣା = ୧ ସୁକି ଓ ୧ ଦୋଅଣି ଓଜନ

ଭରି ୩ ମଷା ୬ ରତି = ୩ ଟଙ୍କା ୧ ସୁକି ୧ ଦୋଅଣି,

୭୨ ଉଦାହରଣମାଳା ।

୧ । ଗୋଟିଏ ଗୋଟିଏ କାଉଁଚରେ ଓଜନ ୧ ରତି; କଣ୍ଟି ଦେଇ ଓଜନ କରି ଦେଖାଅ ଯେ ଦୋଅଣିର ଓଜନ ୧୦ ରତି, ସୁକିର ଓଜନ ୨୦ ରତି ଓ ଅଧୁଲିର ଓଜନ ୪୦ ରତି ।

୨ । ଓଜନ କରି ଦେଖାଅ ଯେ ଗୋଟାଏ ଅଣିର ଓଜନ ୧ ଅଣା ହେବ ।

୩ । ଓଜନ କରି ଦେଖାଅ ଯେ ୯ଟି ଡବଲ ପଇସାର ଓଜନ ୧୦ ଭରି ।

୪ । ଅଙ୍କରେ ଲେଖ:—ତୁଇ ଧାନ; ସାତ ରତି; ତୁଇ ଭରି ସାଢ଼େ ସାତ ରତି; ସାଢ଼େ ସାତ ଅଣା; ବାର ତୋଳା ସତର ବାର ଅଣା; ପଇସାଏ କମ୍ ଏଗାର ଅଣା ।

୫ । ନିମ୍ନଲିଖିତ ସଙ୍କେତଗୁଡ଼ିକ ସୁନା ରୁପାର ଓଜନ ବୁଝାଇଲେ କପରି ପଢ଼ିବାକୁ ହେବ ? ୵/୪, ୨।୵/୪।୨, ୭।୨।୩, ୩(୨, ୧୩୵/୧, ୫।୫ ।

୬ । ୪ ୫ ୩୵/ ଅଣାରେ କେତେ ରତି ?

୭ । ୧୦୩ ସାଢ଼େ ଦଶ ତୋଳାରେ କେତେ ରତି ?

୮ । ୪୩(୩ ରେ କେତେ ଧାନ ?

୯ । ୧୫୪୩ ରତିକୁ ଭରି, ଅଣା ପଦ୍ଧତିରେ ପ୍ରକାଶ କର ।

୧୦ । ୨ ଭରି ୭ ମସା ୨ ରତିକୁ ଟଙ୍କା, ଅଧୁଲି ପଦ୍ଧତିରେ ପ୍ରକାଶ କର ।

୧୧ । ୫ ୭୩/ କୁ ଭରି ମସା ପଦ୍ଧତିରେ ପ୍ରକାଶ କର ।

୧୨ । ୫ ଭରି ୮ ମସା ୬ ରତିରେ କେତେ ଅଣା ?

୧୩ । ୫ ୩ ୩୵/ ୪ ରତି ୨ ଧାନ ୧ ପଙ୍କଜରେ କେତେ ପଙ୍କଜ ?

୧୪ । ୧ ଭରି ୩ ରତିରେ କେତେ ଧାନ ?

ପଞ୍ଚମ ପରିଚ୍ଛେଦ—ଦେଶୀୟ ଦୈର୍ଘିକ ମାପ ।

ପ୍ରଥମ ପ୍ରକରଣ—କ୍ରୋଶ, ହାତ ଇତ୍ୟାଦି ।

୧୨ ଅଙ୍ଗୁଳିରେ	...	...	୧ ବିଘତ (ବି.)
୨ ବିଘତ ବା ୨୪ ଅଙ୍ଗୁଳିରେ	...	...	୧ ହାତ (ହା.)
୨ ହାତରେ	...	...	୧ ଗଜ (ଗ.)
୮୦୦୦ ହାତରେ	...	...	୧ କ୍ରୋଶ (କ୍ରୋ.)
୪ କ୍ରୋଶରେ	...	...	୧ ଯୋଜନ (ଯୋ.)

ବସ୍ତ୍ରମାପ:—୩ ଅଙ୍ଗୁଳିରେ ୧ ଗିରେ, ୮ ଗିରେରେ ୧ ହାତ, ୧୬ ଗିରେରେ ୧ ଗଜ ।

[ଦ୍ରଷ୍ଟବ୍ୟ:—ଛାତ୍ରଗଣ ଫିତା ଏବଂ ବାଉକାଠି ଗଜକାଠିର ସାହାଯ୍ୟରେ ମାପିବାକୁ ଶିଖିବେ । ଲୁଗାର ଦୈର୍ଘ୍ୟ ଓ ପ୍ରସ୍ଥ ପାଠଶାଳାର ଓ ଅନ୍ୟାନ୍ୟ ଘରର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରଭୃତି ମାପିବାକୁ ହେବ ।]

୧ମ ଉଦା—୩ ଗଜ ୧୨ ଗିରେକୁ ହାତ, ଅଙ୍ଗୁଳିରେ ପ୍ରକାଶ କର ।

ଗଜ ଗିରେ
୩ ୧୨
୧୬
୪୮ ଗିରେ
୧୨
୬୦ ଗିରେ
୩
୧୮୦ ଅଙ୍ଗୁଳି

୨୪) ୧୮୦ (୭ ହାତ
୧୬୮
୧୨ ଅଙ୍ଗୁଳି

∴ ୩ ଗଜ ୧୨ ଗିରେ=୭ ହାତ ୧୨ ଅଙ୍ଗୁଳି

୨ୟ ଉଦା—୫ ହାତ ୧ ଅଙ୍ଗୁଳିକୁ ଗଜ, ଗିରେରେ ପ୍ରକାଶ କର ।

୫ ହା ୧ ଅ
୨୪
୧୨୦ ଅ
୧
୧୨୧ ଅଙ୍ଗୁଳି

୩) ୧୨୧ (୪୦ ଗିରେ
୧୨
୧
୧

୧୬) ୪୦ (୨ ଗଜ
୩୨
୮ ଗିରେ

∴ ୫ ହାତ ୧ ଅଙ୍ଗୁଳି=୨ ଗଜ ୮ ଗିରେ

୭ମ ଉଦାହରଣମାଳା ।

୧ । ୪୦ ଅଙ୍ଗୁଳିରେ କେତେ ହାତ ? ୧୦୦ ଅଙ୍ଗୁଳିରେ କେତେ ଗଜ, କେତେ ଅଙ୍ଗୁଳି ?

୨ । ଅଢ଼େଇ ଗଜରେ କେତେ ହାତ ? କେତେ ଅଙ୍ଗୁଳି ?

୩ । ୧୦୦୦ ଅଙ୍ଗୁଳିରେ କେତେ ଗଜ, ହାତ ଓ ଅଙ୍ଗୁଳି ?

୪ । ୩ କୋଶ ୧୫୦ ଗଜରେ କେତେ ହାତ ?

୫ । ୧ ଖଣ୍ଡି ଲୁଗା ୧୨ ହାତ ଲମ୍ବା, ଏହାର ଦୈର୍ଘ୍ୟ ଗଜ ଓ ଗିରେରେ ପ୍ରକାଶ କର ।

୬ । ଯୋଜନ, କୋଶ, ଗଜ ପ୍ରଭୃତିରେ ପ୍ରକାଶ କର :—

(କ) ୧୯୫୪୬୭ ହାତ, (ଖ) ୬୫୪୭୨୨୩୦ ଅଙ୍ଗୁଳି ।

୭ । ୩୬୨ ଅଙ୍ଗୁଳିରେ କେତେ ଗଜ କେତେ ଗିରେ ?

